# ସାର ପାଇଁ ହୋହଲ୍ଲା; ତହସିଲଦାର ଓ ପୁଲିସ ଉପସ୍ଥିତିରେ ବଣ୍ଟାଗଲା

ଦିଗପହଣ୍ଡି, ୩।୯ (ସମିସ)



ସାରା ରାଜ୍ୟରେ ସାର ଅଭାବକୁ ନେଇ ବଢୁଛି ଚାଷୀ ଅସନ୍ତୋଷ। ଚାଷ ପାଇଁ ବର୍ତ୍ତମାନ ସମୟରେନ ନିହାତି ସାରର ଆବଶ୍ୟକତା ଥିବାବେଳେ ବିଭିନ୍ନ ଜିଲ୍ଲାରେ ସାରର ଅଭାବ ଚାଷୀଙ୍କୁ ଚିନ୍ତାରେ ପକାଇଛି। ଦିଗପହଣ୍ଡି ବ୍ଲକ ବି.ତୁରୁବୁଡ଼ି ଗ୍ରାମ ରଘୁନାଥ ସେବା ସମବାୟ ସମିତି କାର୍ଯ୍ୟାଳୟ ସମ୍ମୁଖରେ ବୁଧବାର ୟୁରିଆ ସାର ତୁରନ୍ତ ପ୍ରଦାନ ନିମନ୍ତେ ୫ ଶହରୁ ଊର୍ଦ୍ଧ୍ୱ ଚାଷୀ ହୋହଲ୍ଲା କରିଥିଲେ। ପ୍ରାଥମିକ ସେବା ସମବାୟ ସମିତି ସମ୍ପାଦିକା ଆର. ରୋଜାଲିନ ରେଡ୍ଡୀଙ୍କୁ କିଛି ଚାଷୀ ଗାଳି କରିବାରୁ ସେ କାର୍ଯ୍ୟାଳୟରେ ତାଲା ପକାଇ ଫେରିଯିବାକୁ ବାଧ ହୋଇଥିଲେ। ପରେ ଉପରିସ୍ଥ ଅଧିକାରୀଙ୍କୁ ସମସ୍ତ ଘଟଣା ଜଣାଇଥିଲେ। ଖବର ପାଇ ଦିଗପହଣ୍ଡି ତହସିଲଦାର ସନ୍ତୋଷ କୁମାର ସାହୁ, କୃଷି ଅଧିକାରୀ ପ୍ରମୁଖ ସେବା ସମବାୟ ସମିତି କାର୍ଯ୍ୟାଳୟରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହ ଉପସ୍ଥିତ ସମବାୟ ସଭାପତି ରାମକୃଷ୍ଣ ଚୌଧୁରୀ, ସମ୍ପାଦିକା ଏବଂ ଚାଷୀ ମାନଙ୍କ ସହ ଆଲୋଚନା କରିବା ପରେ ପୁଲିସ ଉପସ୍ଥିତିରେ ବିକ୍ରୀ ପାଇଁ ମହଜୁଦ ଥିବା ୪୫୦ ସାର ପ୍ୟାକେଟ ମଧ୍ୟରୁ କେବଳ ସମିତିରୁ କୃଷି ଋଣ ନେଇଥିବା ଚାଷୀଙ୍କୁ ୨୭୦ଟି ସାର ପ୍ୟାକେଟ ବିକ୍ରୀ କରାଯାଇଥିଲା। ଏନେଇ ସମବାୟ ସଭାପତିଙ୍କୁ ପଚାରିବାରୁ ଏଠାକାର ଚାଷୀଙ୍କୁ ୧ ଲକ୍ଷ ୭୦ ଟନ ୟୁରିଆ ସାର ଆବଶ୍ୟକ ଥିବା ବେଳେ ଚଳିତ ବର୍ଷ ଅଗଷ୍ଟ ସୁଦ୍ଧା ମାତ୍ର ୭୦ ଟନ୍ ସାର ମିଳିଛି। ତେଣୁ ସମସ୍ତ ଚାଷୀଙ୍କୁ ପର୍ଯ୍ୟାପ୍ତ ପରିମାଣର ସାର ଦିଆଯାଇ ପାରୁନାହିଁ। କିଛିବ୍ୟକ୍ତି ରାଜନୈତିକ ଉଦ୍ଦେଶ୍ୟ ରଖି ସାରର ସୁଷମ ବଣ୍ଟନକୁ ବିଭ୍ରାଟ କରିବାକୁ ଉଦ୍ୟମ କରୁଥିବା କହିଛନ୍ତି। ସମବାୟ ସମିତି ପକ୍ଷରୁ ଇଣ୍ଡେଣ୍ଟ କରାଯାଇଥିବା ଅନୁଯାୟୀ ୟୁରିଆ ସାର ମିଳିଲେ ସମସ୍ତ ଚାଷୀଙ୍କୁ ପର୍ଯ୍ୟାପ୍ତ ପରିମାଣର ସାର ଯୋଗାଇ ଦିଆଯିବ ବୋଲି ସେ କହିଛନ୍ତି।

## ପେଟ୍ରୋଲ ପମ୍ପରେ ଠକେଇ ଅଭିଯୋଗ

# ମାପ ଓ ଓଜନ ବିଭାଗର ତଦନ୍ତ

**ଦିଗପହଣ୍ଡି, ୩।୯ (ସମିସ):** ଦିଗପହଣ୍ଡି ପୁଞ୍ଜିକୟାଁ ଛକରେ ଥିବା ସାଇକୃପା ପେଟ୍ରୋଲ ପମ୍ପରେ ବୁଧବାର ବୈଧ ମାପ ଓ ଓଜନ ବିଭାଗ ପକ୍ଷରୁ ଚଢ଼ଉ କରାଯାଇଛି। ବିଭାଗର ଯୁଗ୍ମ ନିୟନ୍ତ୍ରକ ସୁରସେନ ଜାନି, ନୀରିକ୍ଷିକା ଦୀପାରାଣୀ ସ୍ୱାଇଁ, ଦିଗପହଣ୍ଡି ଥାନା ଆଇଆଇସି ପ୍ରଶାନ୍ତ କୁମାର ପାତ୍ର, ଏସଆଇ ରାଜ କିଶୋର ପାତ୍ର ସଦଳବଳ ପହଞ୍ଚି ପ୍ରଥମେ ପେଟ୍ରୋଲ ପମ୍ପର ସିଲ୍ ଗୁଡ଼ିକର ସଠିକତା ଯାଞ୍ଚ କରିବା ପରେ କିଛି ଗ୍ରାହକଙ୍କ ଉପସ୍ଥିତିରେ ଏକ ସ୍ୱଚ୍ଛ ଜାରକୁ ୫ ଲିଟର ପେଟ୍ରୋଲ ବାହାର କରି ମେସିନ ପ୍ରଦର୍ଶିତ ପରିମାଣ ସହ ଜାରର ପରିମାଣ ସମାନ ହେଉଛି କି ନାହିଁ ତନଖି କରାଯାଇଥିଲା। ତେବେ ସେହି ସମୟରେ ଉଭୟ ମେସିନ ଓ ଜାରର ମାପ ପ୍ରାୟତଃ ଠିକ୍ ଥିବା ଜଣାପଡ଼ିଥିଲା। ପରେ ଖେମୁଣ୍ଡି ଓକିଲ ସଂଘର ସଭାପତି ହୃଦୟ ରଞ୍ଜନ ମେକାପଙ୍କ ସମେତ ପ୍ରାକ୍ତନ ସଭାପତି ରସାନନ୍ଦ ରାଉତ, ପରେଶ ଚନ୍ଦ୍ର ରଥ ଏବଂ ହରପ୍ରସାଦ ରଥ ସେଠାରେ ପହଞ୍ଚି ଯୁଗ୍ମ ନିୟନ୍ତ୍ରକଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ତେବେ କେତେକ କାରଣ ଯୋଗୁଁ ବେଳେବେଳେ ଗ୍ରାହକଙ୍କୁ ପେଟ୍ରୋଲ କିମ୍ବା ଡିଜେଲ ପ୍ରଦାନ ସମୟରେ ଅତି ନଗଣ୍ୟ ପରିମାଣରେ ତାରତମ୍ୟ ଦେଖାଯିବା ସ୍ୱାଭାବିକ ବୋଲି ବିଭାଗ ପକ୍ଷରୁ ସ୍ପଷ୍ଟୀକରଣ ଦିଆଯାଇଥିଲା। ତଥାପି ଗ୍ରାହକଙ୍କ ସମୂହ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସମସ୍ତ ପେଟ୍ରୋଲ ପମ୍ପ ଗୁଡିକୁ ନିୟମିତ ବ୍ୟବଧାନରେ ଯାଞ୍ଚ କରାଯିବାକୁ ଓକିଲ ସଂଘ ପକ୍ଷରୁ ପରାମର୍ଶ ଦିଆଯାଇଛି। ସାଇକୃପା ପେଟ୍ରୋଲ ପମ୍ପରେ ଗ୍ରାହକଙ୍କୁ



ପେଟ୍ରୋଲ ପ୍ରଦାନ ସମୟରେ ପରିମାଣରେ ଠକେଇ କରାଯାଉଥିବା ନେଇ ଗତ ଶୁକ୍ରବାର ଅଭିଯୋଗ ହୋଇଥିଲା। ଜଣେ ଗ୍ରାହକ ସନ୍ଦେହରେ ୩ ଲିଟର ପେଟ୍ରୋଲ ଏକ ଜାରରେ କିଣି ମାପ କରିବା ସମୟରେ ଅଧା ଲିଟର କମ୍ ଥିବା ଦେଖାଯାଇଥିଲା। ଫଳରେ ଗ୍ରାହକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେବା ସହ କିଛି ସମୟ ପାଇଁ ଉତ୍ତେଜନା ମଧ୍ୟ ପ୍ରକାଶ ପାଇଥିଲା। ଶନିବାର ସ୍ଥାନୀୟ ଖେମୁଣ୍ଡି ଓକିଲ ସଂଘ ନିକଟରେ ଏହି ଖବର ପହଞ୍ଚିବା ପରେ ସଂଘ ପକ୍ଷରୁ ଏଭଳି ଘଟଣାର ତୁରନ୍ତ ତଦନ୍ତ କରାଯାଇ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଗଞ୍ଜାମ ଜିଲ୍ଲାପାଳ, ଜିଲ୍ଲା ଯୋଗାଣ ଅଧିକାରୀ, ବ୍ଲକ ଯୋଗାଣ ନୀରିକ୍ଷକଙ୍କ ସମେତ ଦିଗପହଣ୍ଡି ଥାନାରେ ମଧ୍ୟ ଲିଖିତ ଅଭିଯୋଗ କରାଯାଇଥିଲା।

## ଛାତ୍ରୀଙ୍କୁ ଶିକ୍ଷକଙ୍କ ମାଡ଼ ଅଭିଯୋଗ

**ପାତ୍ରପୁର, ୩।୯ (ସମିସ):** ପାତ୍ରପୁର ବ୍ଲକ ଖରଣିପଡ଼ା ବିଦ୍ୟାଳୟରେ ଜଣେ ଷଷ୍ଠ ଶ୍ରେଣୀ ଛାତ୍ରୀଙ୍କୁ ବିଦ୍ୟାଳୟର ଶିକ୍ଷକ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ମଙ୍ଗଳବାର ବିଦ୍ୟାଳୟରେ ସଂସ୍କୃତ ପଢ଼ାଇବା ବେଳେ ଶିକ୍ଷକ ଜଣକ ମାଡ଼ ମାରିଥିଲେ। ତେବେ ବୁଧବାର ଘଟଣା ସମ୍ପର୍କରେ ବ୍ଲକ ଶିକ୍ଷା ଅଧିକାରୀ ଦାୟିତ୍ୱରେ ଥିବା ନୂଆପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ନିକଟରେ ଅଭିଯୋଗ ପହଞ୍ଚିଥିଲା। ଅଭିଯୋଗ ପରେ ଶିକ୍ଷା ଅଧିକାରୀ ଅତିରିକ୍ତ ଶିକ୍ଷା ଅଧିକାରୀ ସୀମାଞ୍ଚଳ ପାଇକଙ୍କୁ ଘଟଣାର ତଦନ୍ତ କରିବାକୁ ଦାୟିତ୍ୱ ଦେଇଥିଲେ। ଅତିରିକ୍ତ ଶିକ୍ଷା ଅଧିକାରୀ ଶ୍ରୀ ପାଇକ ଛାତ୍ରୀଙ୍କୁ ମାଡ଼ ମାରିଥିବା ଶିକ୍ଷକଙ୍କୁ ଛାତ୍ରୀଙ୍କୁ ପାଠ ପଢ଼ାଇବା ସମୟରେ ବାରମ୍ବାର ବୁଝାଇବା ସତ୍ତ୍ୱେ ଠିକ୍ ଉତ୍ତର ନଦେବାରୁ ମାଡ଼ ମାରି ଭୁଲ କରିଥିବା କହିଥିବା ବେଳେ ଗୁରୁବାର ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଆସିବାକୁ ନିର୍ଦ୍ଦେଶ ଦେଇଥିବା ଏବିଓ ପ୍ରକାଶ କରିଛନ୍ତି।

## ଗଛ ପଡ଼ି ରାସ୍ତା ଅବରୋଧ

**ପାରଳାଖେମୁଣ୍ଡି, ୩।୯ (ସମିସ):** ଗଜପତି ଜିଲ୍ଲା ଗୋଷାଣି ବ୍ଲକ ଅନ୍ତର୍ଗତ ସାତମାଇଲ-ବାଘଶାଳା ପୂର୍ତ୍ତ ବିଭାଗର ମୁଖ୍ୟରାସ୍ତାରେ ବର୍ଷା ଯୋଗୁ ରାସ୍ତା ଉପରେ ଗଛପଡ଼ି ଅବରୋଧ ହୋଇଥିଲା। ଫଳରେ ସାତମାଇଲ, ବାଘଶାଳା, ତାମ୍ପରକଇଠା, ବାପୁଜୀପେଣ୍ଟ, ଜଙ୍ଗଲପାଡୁ, ବଡଗାଁ, ଭିନ୍ନଳା ଆଦି ଗ୍ରାମକୁ ଯାତାୟତ ପ୍ରଭାବିତ ହେବା ସହ ଅଞ୍ଚଳବାସୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ପ୍ରାୟ ୬ ଘଣ୍ଟାରୁ ଅଧିକ ସମୟ ଧରି ଲୋକେ ଯାତାୟତ କରିପାରିନଥିଲେ। ଏପରିକି ଅନେକ ଗ୍ରାମବାସୀ ଅନ୍ୟରାସ୍ତା ଦେଇ ଯାତାୟତ କରିଥିଲେ। ସନ୍ଧ୍ୟାରେ ପାରଳାଖେମୁଣ୍ଡି ଅଗ୍ନିଶମବାହିନୀ ପହଞ୍ଚି ଗଛଟୁ କାଟିବା ଯୋଗୁଁ ଯାତାୟତ ସ୍ୱାଭାବିକ ହୋଇଥିଲା।

## ଗୃହରକ୍ଷୀ ପାଇଁ ୩୮୩ ଆବେଦନ; ୭ରେ ପରୀକ୍ଷା

**ଭଞ୍ଜନଗର, ୩।୯ (ସମିସ):** ଆସନ୍ତା ୭ତାରିଖରେ ହେବାକୁ ଯାଉଛି ଗୃହରକ୍ଷୀ ପରୀକ୍ଷା। ତେଣୁ ଭଞ୍ଜନଗର ପୁଲିସ ପକ୍ଷରୁ ସ୍ଥାନୀୟ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟରେ ଏହି ପରୀକ୍ଷା ଅନୁଷ୍ଠିତ ହେବ। ଏଥି ନିମନ୍ତେ ମୋଟ ୩୮୩ଜଣ ପୁରୁଷ ଓ ମହିଳା ପରୀକ୍ଷାର୍ଥୀ ଆବେଦନ କରିଥିବା ବେଳେ ସେଥି ମଧ୍ୟରୁ ବୟସ କମ ଓ ଅନ୍ୟାନ୍ୟ କାରଣରୁ ୩୩ଜଣଙ୍କର ଆବେଦନପତ୍ର ନାକଚ ହୋଇଯାଇଛି। ସରକାରୀ ଗାଇଡ଼ ଲାଇନ୍ ଅନୁସାରେ ପରୀକ୍ଷା କେନ୍ଦ୍ରରେ ସିସି କ୍ୟାମେରା ଓ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯାଉଛି। ଦିନ ୧୦ଟାରୁ ପରୀକ୍ଷା ଆରମ୍ଭ ହୋଇ ୧୨ଟାରେ ଶେଷ ହେବ। ସକାଳ ୯ଟା ଠାରୁ ପରୀକ୍ଷାର୍ଥୀ ମାନେ କେନ୍ଦ୍ରରେ ଉପସ୍ଥିତ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହି ପରୀକ୍ଷାରେ ଆବଶ୍ୟକତା ଠାରୁ ବହୁ ଉଚ୍ଚ ଶିକ୍ଷିତ ଯୁବକ ଯୁବତୀ ଅଂଶଗ୍ରହଣ କରୁଥିବା ଜଣାପଡ଼ିଛି। ଏହି ପରୀକ୍ଷାକୁ ସ୍ୱଚ୍ଛ ଓ ଶୃଙ୍ଖଳିତ କରିବା ପାଇଁ ବିଶେଷ ଧ୍ୟାନ ଦିଆଯାଉଥିବା ଭଞ୍ଜନଗର ଥାନା ଅଧିକାରୀ ଜୀବନାନନ୍ଦ ଜେନା ସୂଚନା ଦେଇଛନ୍ତି।

## ରାଶି ଚାଷୀଙ୍କ ନିମନ୍ତେ ସଚେତନତା

**ଭଞ୍ଜନଗର, ୩।୯ (ସମିସ):** ରାଜ୍ୟରେ ରାଶିର ଯେତିକି ଆବଶ୍ୟକତା ଅଛି ତା'ଠାରୁ କମ ଉତ୍ପାଦନ ହେଉଛି। ଚାଷୀମାନେ ଯେଉଁ ପାରମ୍ପରିକ ପଦ୍ଧତିରେ ରାଶି ଚାଷ କରୁଛନ୍ତି। ସେଥିରେ ଖର୍ଚ୍ଚ ଅଧିକ ହେଉଛି। ଲାଭ ବିଶେଷ ନାହିଁ। ତେଣୁ ରାଶି ଚାଷ ପ୍ରତି ଚାଷୀମାନଙ୍କ ଆଗ୍ରହ କମୁଛି। ଏହାକୁ ଦୃଷ୍ଟିରେ ରଖି ସରକାର ନୂତନ ଜ୍ଞାନକୌଶଳ ପ୍ରୟୋଗ କରି କମ ଖର୍ଚ୍ଚରେ ଅଧିକ ରାଶି ଫସଲ ଉତ୍ପାଦନ କିଭଳି ହେବ ସେଥିପାଇଁ ପଦକ୍ଷେପ ନେଇଛନ୍ତି। ତେଣୁ ଇକ୍ରିସାଟ, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଏବଂ ଓଡ଼ିଶା କୃଷି ଓ କୃଷକ ସଶକ୍ତିକରଣ ବିଭାଗ ମିଳିତ ଆନୁକୂଲ୍ୟରେ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନାରେ ଓଡ଼ିଶାରେ ପ୍ରଥମ ଥର ପାଇଁ ରାଶି ମଞ୍ଜି ବୁଣା ଯନ୍ତ୍ରର କ୍ଷେତ୍ର ପ୍ରଦର୍ଶନ ହୋଇଛି। ଏନେଇ ଭଞ୍ଜନଗର କୃଷି ବିଜ୍ଞାନ କେନ୍ଦ୍ର ପକ୍ଷରୁ ଜଗନ୍ନାଥପ୍ରସାଦ ବ୍ଲକ ଏକଘରିଆ ଗ୍ରାମରେ ମଙ୍ଗଳବାର କ୍ଷେତ୍ର ପ୍ରଦର୍ଶନ ହୋଇଥିଲା। କାର୍ଯ୍ୟକ୍ରମରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟରେ ପୂର୍ବତନ ଡିନ୍ ତଥା ଇକ୍ରିସାଟର ପରାମର୍ଶଦାତା ଡ ସଂଗ୍ରାମ କେଶରୀ ସାଇଁ, ଗଞ୍ଜାମ ଜିଲା କୃଷି ବିଜ୍ଞାନ କେନ୍ଦ୍ରର କୃଷି ବୈଜ୍ଞାନିକ ଡ. ସୁତନୁ କୁମାର ଶତପଥୀ, ଡ. ସିଦ୍ଧାର୍ଥ ରଣବିଜୁଳି ପ୍ରମୁଖ ଅତିଥି ଭାବେ ଯୋଗଦେଇ ଯୋଜନା ସମ୍ପର୍କରେ ଚାଷୀଙ୍କୁ ବୁଝାଇଥିଲେ। ରାଶି ଚାଷର ବିକାଶ, ବୃଦ୍ଧି ଓ ଚାଷୀମାନଙ୍କର ରୋଜଗାର ବୃଦ୍ଧି ନିମନ୍ତେ ନୂତନ ଜ୍ଞାନକୌଶଳ ଚାଷୀଙ୍କୁ ସହାୟକ ହେବ। ବୈଜ୍ଞାନିକ ପଦ୍ଧତିରେ ଧାଡିକୁ ଧାଡ଼ି ୩୦ ସେମି ବ୍ୟବଧାନରେ ଏକର ପ୍ରତି ୨ କେଜି ବିହନ ବୁଣା ଯାଇପାରୁଛି। ଚଳିତ ବର୍ଷ ଜଗନ୍ନାଥପ୍ରସାଦ ବ୍ଲକରେ ୨୦୦ ଚାଷୀଙ୍କୁ ନେଇ ୧୫୦ ଏକର ଜମିରେ ରାଶି ଚାଷ କରିବା ଲକ୍ଷ୍ୟ ରଖାଯାଇଛି। କାର୍ଯ୍ୟକ୍ରମକୁ ମିଳିତ ଭାବରେ କୃଷି ବିଜ୍ଞାନ କେନ୍ଦ୍ର ଭଞ୍ଜନଗର, ଓଡ଼ିଶା ସରକାର ଓ ଇକ୍ରିସାଟ ବୈଜ୍ଞାନିକମାନେ କରିଥିଲେ। ଓଡ଼ିଶାରେ ରାଶି ଚାଷର ବ୍ୟାପକ କରାଯିବା ସହିତ ତୈଳବୀଜର ଚାହିଦା ପୂରଣ ଲକ୍ଷ୍ୟ ରଖାଯାଇଛି। ଗଞ୍ଜାମ ଜିଲ୍ଲାରେ ଏହାର ପ୍ରଥମଥର ପାଇଁ କ୍ଷେତ୍ର ପ୍ରଦର୍ଶନ ହୋଇଛି।

## ଚୋରି ଘଟଣାରେ ଦୁଇ ଗିରଫ

**ଛତ୍ରପୁର, ୩।୯ (ସମିସ):** ଛତ୍ରପୁର ବ୍ଲକ ଅନ୍ତର୍ଗତ ଲଣ୍ଡାବାଉଁଶ ଗ୍ରାମର ହନୁମାନ ବିଗ୍ରହଙ୍କ ୫ କିଲୋ ଓଜନର ଗଦା ଚୋରି ସହ ଗତ କିଛି ଦିନ ହେଲା ଗ୍ରାମରେ ଅନ୍ୟାନ୍ୟ ସାମଗ୍ରୀ ଚୋରି ହୋଇଥିବା ନେଇ ଗ୍ରାମ୍ୟ କମିଟି ଛତ୍ରପୁର ଥାନା ଅଧିକାରୀଙ୍କ ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗକୁ ଭିତ୍ତି କରି ପୁଲିସ ଏକ ମାମଲା ରୁଜୁ କରିଥିଲା। ସେହିଦିନଠାରୁ ଘଟଣାର ସରଜମିନ ତଦନ୍ତ ଆରମ୍ଭ କରିଥିଲା ଛତ୍ରପୁର ଥାନା ପୁଲିସ। ଏହି ମାମଲାରେ ଜଡିତ ଲଣ୍ଡାବାଉଁଶ ଗ୍ରାମର ସନ୍ତୋଷ କୁମାର ଗୌଡ଼ (୪୬) ଓ ଶିବ ସାହୁ (୨୫)ଙ୍କୁ ଗିରଫ କରି କୋର୍ଟଚାଲାଣ କରିବା ସହ ସେମାନଙ୍କ ଠାରୁ ହନୁମାନ ବିଗ୍ରହଙ୍କ ଗଦାକୁ ଜବତ କରିଥିଲା। ପରେ ଉକ୍ତ ଗଦାକୁ ଗ୍ରାମ୍ୟ କମିଟିକୁ ହସ୍ତାନ୍ତର କରାଯାଇଥିବା ଛତ୍ରପୁର ଥାନା ଅଧିକାରୀ ସବ୍ୟସାଚୀ ମଲ୍ଲ କହିଛନ୍ତି।



## ଗୋଷାଣି ବ୍ଲକର ବିଭିନ୍ନ ସ୍ଥାନରେ ଚାରାବଣ୍ଟନ

**ପାରଳାଖେମୁଣ୍ଡି, ୩।୯ (ସମିସ):** ଗଜପତି ଜିଲ୍ଲା ଗୋଷାଣି ବ୍ଲକର ବିଭିନ୍ନ ପଞ୍ଚାୟତରେ ବୁଧବାର ବନ ବିଭାଗ ପକ୍ଷରୁ ଚାରାବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହେନ୍ଦ୍ର ବନାଞ୍ଚଳ ପକ୍ଷରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଗୋଷାଣି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗୌରଚନ୍ଦ୍ର ପଟ୍ଟନାୟକ, ସହକାରୀ ଯନ୍ତ୍ରୀ ସସ୍ମିତା କୁମାରୀ ଜେନା, ମହେନ୍ଦ୍ରବନାଞ୍ଚଳ ଅଧିକାରୀ ଅମିତ୍ ଶୁଭ୍ରଜିତ୍ ଓ ଗାରାବନ୍ଧ ଫରେଷ୍ଟ ଗାର୍ଡ ସନ୍ତୋଷ କୁମାର ପରିଚ୍ଛା ଉପସ୍ଥିତ ରହି ଦୁଇ ହଜାରରୁ ଅଧିକ ଚାରା ବଣ୍ଟନ କରିଥିଲେ। ଗୋଷାଣି ବ୍ଲକର ୨୧ ପଞ୍ଚାୟତରେ ଚାରାବଣ୍ଟନ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବା ବେଳେ ଆଜି ପ୍ରତ୍ୟେକ ପଞ୍ଚାୟତକୁ ୫୦୦ରୁ ଅଧିକ ହିସାବରେ ଚାରୋଟି ପଞ୍ଚାୟତକୁ ଦୁଇହଜାରରୁ ଅଧିକ ଚାରା ବଣ୍ଟନ କରାଯାଇଥିଲା। ମୁଖ୍ୟ କରି ଔଷଧୀୟ ବୃକ୍ଷ ଗୁଡିକର ଚାରା ବଣ୍ଟନ କରାଯାଇଥିଲା।

## ସ୍ୱୟଂଶାସିତ ମହାବିଦ୍ୟାଳୟରେ କଳିଙ୍ଗ ସ୍ଥାପତ୍ୟ ଶୈଳୀ ଉପରେ ଆଲୋଚନାଚକ୍ର



**ଫୁଲବାଣୀ, ୩।୯ (ସମିସ):** ସ୍ଥାନୀୟ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଇତିହାସ ବିଭାଗ ପକ୍ଷରୁ ପ୍ରାଚୀନ କଳିଙ୍ଗ ଶୈଳୀରେ ମନ୍ଦିର ନିର୍ମାଣ ଓ ସ୍ଥାପତ୍ୟ ଉପରେ ଏକ ଦିନିକିଆ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏହି ଆଲୋଚନାଚକ୍ରରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ.ସୁବାସ ଚନ୍ଦ୍ର ପ୍ରଧାନ ପୌରୋହିତ୍ୟ କରିଥିବାବେଳେ ଇତିହାସ ବିଭାଗର ମୁଖ୍ୟ କ୍ଷୀରସାଗର ରଣା ପରିଚାଳନା କରିଥିଲେ। ସୁନ୍ଦରଗଡ଼ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଇତିହାସ ବିଭାଗ ସହକାରୀ ଅଧ୍ୟାପକ ଡ. ଜୟଶଙ୍କର ନାୟକ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ସ୍ନାତକ ଓ ସ୍ନାତକୋତ୍ତର ଛାତ୍ରଛାତ୍ରୀଙ୍କୁ ପ୍ରାଚୀନ କଳିଙ୍ଗ ଶୈଳୀରେ ଓଡ଼ିଶାରେ ନିର୍ମାଣ ହୋଇଥିବା ବିଭିନ୍ନ ମନ୍ଦିର ଗୁଡିକର ନିର୍ମାଣ ଶୈଳୀ ଉପରେ ବିସ୍ତୃତ ଭାବେ ବୁଝାଇଥିଲେ। ଆଲୋଚନାଚକ୍ରରେ ଇତିହାସ ବିଭାଗର ସମସ୍ତ ଛାତ୍ରଛାତ୍ରୀ ଏବଂ ଅଧ୍ୟାପକ ଉପସ୍ଥିତ ଥିଲେ। ଶେଷରେ ଇତିହାସ ବିଭାଗ ତରଫରୁ ମହାବିଦ୍ୟାଳୟର ଅଧ୍ୟକ୍ଷ ଏବଂ ମୁଖ୍ୟବକ୍ତାଙ୍କୁ ଉତ୍ତରୀୟ ପ୍ରଦାନ କରାଯାଇଥିଲା।

## ଭାରୋତ୍ତଳନରେ ଦୁଇ ଛାତ୍ରୀଙ୍କ ସଫଳତା

**ଦିଗପହଣ୍ଡି, ୩।୯ (ସମିସ):** ଗଞ୍ଜାମ ଜିଲ୍ଲା ବିଦ୍ୟାଳୟ ସମୂହ କ୍ରୀଡ଼ା ସଂଘ ଆନୁକୂଲ୍ୟରେ ମହାତ୍ମାଗାନ୍ଧୀ ଷ୍ଟାଡିୟମରେ ୨୦୨୫-୨୬ ବର୍ଷ ପାଇଁ ଅନୁଷ୍ଠିତ ଗଞ୍ଜାମ ଜିଲ୍ଲା ବିଦ୍ୟାଳୟସ୍ତରୀୟ ଭାରୋତ୍ତଳନ ପ୍ରତିଯୋଗିତାରେ ଦିଗପହଣ୍ଡି ବହୁମୁଖୀ ଇନ୍‌ଡୋର୍ ଷ୍ଟାଡିୟମର ଦୁଇ ପ୍ରଶିକ୍ଷାର୍ଥୀ ସଫଳତା ହାସଲ କରିଛନ୍ତି। ଦିଗପହଣ୍ଡି ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ରୀ ରାଧାରାଣୀ ପାଣିଗ୍ରାହୀ ସ୍ୱର୍ଣ୍ଣପଦକ ହାସଲ କରିଥିବା ବେଳେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ପ୍ରତିଜ୍ଞା ପୂଜାରୀ କାଂସ୍ୟ ପଦକ ପାଇଛନ୍ତି। କୋଚ ରାଜେଶ୍ୱରୀ ବେହେରାଙ୍କ ତତ୍ତ୍ୱାବଧାନରେ ଦୁଇ ଛାତ୍ରୀ ପ୍ରଶିକ୍ଷଣ ନେଉଥିବା ବେଳେ ଏହି ସଫଳତା ପରେ ଷ୍ଟାଡିୟମ ଇନ୍‌ଚାର୍ଜ ନୀଳମାଧବ ପଣ୍ଡା ଏବଂ ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷ ଚିନ୍ତାମଣି ପଲାଇ ଦୁଇ ସଫଳ ଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।



## ଶ୍ରୀବଳଦେବସ୍ୱାମୀ ମନ୍ଦିରରେ ବଡ଼ ଏକାଦଶୀ



**ବୁଗୁଡ଼ା, ୩।୯ (ସମିସ):** ସ୍ଥାନୀୟ ଶ୍ରୀବଳଦେବସ୍ୱାମୀ ମନ୍ଦିରରେ ଶ୍ରୀବିଷ୍ଣୁ ପାର୍ଶ୍ୱପରିବର୍ତ୍ତନ ଏକାଦଶୀ ରୀତିନୀତି ପ୍ରକାରେ ଶ୍ରଦ୍ଧାଳୁଙ୍କ ଗହଣରେ ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରାତଃ କାଳରେ ଠାକୁରଙ୍କ ଅବକାଶ ନୀତି ସମ୍ପନ୍ନ ପରେ ଶାଳଗ୍ରାମ ମହାସ୍ନାନ, ମନ୍ତ୍ରସ୍ନାନ ଏବଂ ପୂର୍ବାହ୍ନରେ ଷୋଡଶ ଉପଚାର ପୂଜା, ମଙ୍ଗଳ ଆଳତି ଓ ସୁନାବେଶ ବିଧି ପାଳନ କରାଯାଇଥିବା ବେଳେ ସନ୍ଧ୍ୟାରେ ଦୋଳଗୋବିନ୍ଦଙ୍କ ଏକାଦଶୀ ବେଢ଼ା ପରିକ୍ରମା ସାଙ୍ଗକୁ ରାଜପ୍ରସାଦ ଭୋଗ ନୀତି ଅନୁଷ୍ଠିତ ହୋଇଥିଲା। ଏହି ବଡ଼ ଏକାଦଶୀ ଉତ୍ସବରେ ପୂଜକ ଲକ୍ଷ୍ମୀ ପାଣି, ଟୁଲୁ ପାଣି, ଟୁକୁନା ପାଣି ପ୍ରମୁଖ ଠାକୁରଙ୍କ ପୂଜାପାଠ କରିଥିବା ବେଳେ ଜଗନ୍ନାଥ ଅର୍ଚ୍ଚକ ଯୁବକ ସଂଘର ସଦସ୍ୟଗଣ ସହଯୋଗ କରିଥିଲେ।

## ବ୍ଲକ୍‌ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା



**ଛତ୍ରପୁର, ୩।୯ (ସମିସ):** ସ୍ଥାନୀୟଅନସ୍ଲୋ ମିନି ଷ୍ଟାଡିୟମ ପରିସରରେ ଛତ୍ରପୁର ବ୍ଲକସ୍ତରୀୟ କ୍ରୀଡା ପ୍ରତିଯୋଗିତା ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଜିତ କୁମାର ପାଢ଼ୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିବା ସହ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ମୁଖ୍ୟବକ୍ତା ଭାବେ ଅନସ୍ଲୋ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଚିତ୍ରା ପାଣିଗ୍ରାହୀ ଯୋଗଦେଇଥିଲେ। କ୍ରୀଡା ଶିକ୍ଷକ ତଥା ଶାରୀରିକ ଶିକ୍ଷକ ସଭାପତି ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାରେ ଛତ୍ରପୁର ବ୍ଲକର ୪ଟି ଜୋନସ୍ତରୀୟ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ହୋଇଥିବା ପ୍ରାୟ ୩୦୦ରୁ ଊର୍ଦ୍ଧ୍ୱ ବାଳକ/ ବାଳିକା ଭାଗ ନେଇଥିଲେ। ଛତ୍ରପୁର ବ୍ଲକର ବରିଷ୍ଠ ଶିକ୍ଷକ ରବୀନ୍ଦ୍ର ନାଥ ଦାଶ ଓ ଗଞ୍ଜାମ ବ୍ଲକର ବରିଷ୍ଠ ଶିକ୍ଷକ ଭଞ୍ଜ କିଶୋର ବିଶ୍ୱାଳଙ୍କୁ ସମ୍ମାନିତ କରାଯାଇଥିଲା। ଅନସ୍ଲୋ ଉଚ୍ଚ ବିଦ୍ୟାଳୟର କ୍ରୀଡା ଶିକ୍ଷକ ଅରୁଣ କୁମାର ମାନସିଂ ଭେନ୍ୟୁ ଇନ ଚାର୍ଜ ରହିଥିବା ବେଳେ ସମସ୍ତ କ୍ରୀଡା ଶିକ୍ଷକ ମାନେ ସହଯୋଗ କରିଥିଲେ।

## ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନ ପାଇଁ ଚାରା ବଣ୍ଟନ



**ସୋରଡ଼ା, ୩।୯ (ସମିସ):** ବଡ଼ଗଡ଼ ବନଖଣ୍ଡ ଅଧିକାରୀଙ୍କ ତତ୍ତ୍ୱାବଧାନରେ ପ୍ରଧାନମନ୍ତ୍ରୀଙ୍କ ମୋଦିଙ୍କ ଜନ୍ମ ଦିନ ଉପଲକ୍ଷେ ସବୁଜ ରଥର ଉଦ୍‌ଘାଟନ ସହ ଚାରା ବଣ୍ଟନ କରାଯାଇଥିଲା। ଚଳିତ ମାସ ୧୭ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୭୫ ତମ ଜନ୍ମ ଦିବସ। ଏହି ଉପଲକ୍ଷେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଆହ୍ୱାନକ୍ରମେ ବଡ଼ଗଡ଼ ବନଖଣ୍ଡ ଅଧୀନରେ ଥିବା ୧୨ଟି ପଞ୍ଚାୟତରେ ପ୍ରତ୍ୟେକ ପଞ୍ଚାୟତକୁ ୫୦୦ ଚାରା ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମକୁ ସ୍ଥାନୀୟ ବିଡିଓ ତନ୍ମୟ ପାତ୍ର ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି ବନାଞ୍ଚଳର ସମସ୍ତ କର୍ମଚାରୀଙ୍କ ସହ ବଡ଼ଗଡ଼ ବନାଞ୍ଚଳ ଅଧିକାରୀ ଅଞ୍ଜନ କୁମାର ନାୟକ ଓ ବିଜେପିର ବହୁ ବରିଷ୍ଠ କର୍ମୀ ଉପସ୍ଥିତ ରହିଥିଲେ।

## ଦାରିଙ୍ଗବାଡ଼ିକୁ ଏନଏସି ଘୋଷଣା ପାଇଁ ସ୍ୱତନ୍ତ୍ର ଗ୍ରାମସଭା

**ଦାରିଙ୍ଗବାଡ଼ି, ୩।୯ (ସମିସ):** ଦାରିଙ୍ଗବାଡ଼ିକୁ ବିଜ୍ଞାପିତ ଅଞ୍ଚଳ ପରିଷଦ(ଏନଏସି) ଘୋଷଣା ପାଇଁ ସ୍ୱତନ୍ତ୍ର ଗ୍ରାମସଭା ବୈଠକ ପଞ୍ଚାୟତ ପରିସରରେ ସରପଞ୍ଚ ଚନ୍ଦ୍ରିକା ମଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦାରିଙ୍ଗବାଡ଼ି ପଞ୍ଚାୟତର ବିଭିନ ୱାର୍ଡର ମହିଳା, ପୁରୁଷ ସହିତ ବିଭିନ୍ନ ସଂଗଠନ ପ୍ରତିନିଧି ଓ ନେତୃତ୍ୱ ବ୍ୟକ୍ତି ଉପସ୍ଥିତ ଥିଲେ। ମଞ୍ଚରେ ସରପଞ୍ଚ ସହିତ ଜିପିଓ ସୁରେଶ ଚନ୍ଦ୍ର ପଣ୍ଡା, ଏଡିଓ ସଖିଲତା ବାଳା, ହୋଟେଲ ସଙ୍ଘ ସଭାପତି ଦିଲୀପ କୁମାର ସାହୁ, ବଣିକ ସଙ୍ଘ ସଭାପତି ଲଡ୍ଡୁ କିଶୋର ସାହୁ, ଓକିଲ ସଙ୍ଘ ସଭାପତି ପ୍ରଦୀପ କୁମାର ସାହୁ, ବରିଷ୍ଠ ନାଗରିକ ସଂଗଠନ ସଭାପତି ରମେଶ ସାହୁ, ବରିଷ୍ଠ ନାଗରିକ ସଂଗଠନ ସମ୍ପାଦକ ପତିତପାବନ ରାଉତ ମଞ୍ଚାସୀନ ହୋଇ ବିଜ୍ଞାପିତ ଅଞ୍ଚଳ ପରିଷଦ ଘୋଷଣା କରାଯିବା ସମ୍ପର୍କରେ ଆଲୋଚନା କରିଥିଲେ। ଏଥିପାଇଁ ଆବଶ୍ୟକନୁସାରେ ଆଗକୁ ଦାବି ପୂରଣ ହେବା ଯାଏ ସଂଗ୍ରାମ ଜାରି ରଖିବା ପାଇଁ ସମସ୍ତେ ଏକଜୁଟ ହୋଇ କାର୍ଯ୍ୟ କରିବାକୁ ସରପଞ୍ଚ ଆହ୍ୱାନ କରିବା ସହ ସମସ୍ତଙ୍କୁ ଧନ୍ୟବାଦ ଦେଇ ଥିଲେ।




## ୫୪ କେଜି ଗଞ୍ଜେଇ ଜବତ; ବିଜେପି ଯୁବନେତା ଗିରଫ

ଫୁଲବାଣୀ, ୩।୯ (ସମିସ)



ଫୁଲବାଣୀ ସଦର ଅବକାରୀ ବିଭାଗ ଚଢ଼ଉ କରି ୫୪କିଲୋ ଗଞ୍ଜେଇ ଜବତ ସହ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଜଣକ ହେଲେ ଫିରିଙ୍ଗିଆ ବ୍ଲକ ଡିମିରିଗୁଡା ଅଞ୍ଚଳର ରଘୁପତି କହଁର। ସେ ଭାରତୀୟ ଜନତା ପାର୍ଟିର ଜଣେ ଆଗଧାଡିର ଯୁବନେତା ଭାବେ ଜଣାଶୁଣା। ପୂର୍ବରୁ ସେ ଜିଲ୍ଲା ବିଜେପି ଯୁବମୋର୍ଚ୍ଚାର ପଦାଧିକାରୀ ଥିଲେ। ସୂଚନା ଅନୁଯାୟୀ, ଖଜୁରୀପଡ଼ା ଥାନା ଭେଟଖୋଲ ଘାଟି ପାଖରେ ସଦର ଅବକାରୀ ବିଭାଗ ପକ୍ଷରୁ ଗାଡି ଯାଞ୍ଚ ଚାଲିଥିବା ବେଳେ ଏକ କାର୍‌କୁ ଅଟକାଇ ତନଖି କରାଯାଇଥିଲା। ଯାଞ୍ଚ ବେଳେ ଗାଡିରୁ ୩ଟି ବସ୍ତାରେ ଥିବା ୫୪ କିଲୋ ଗଂଜେଇ ମିଳିଥିଲା। କାର୍ ସହ ଗଂଜେଇ ଜବତ କରାଯାଇଥିବା ବେଳେ ରଘୁପତିଙ୍କୁ ଗିରଫ କରାଯାଇଛି। ସଦର ଅବକାରୀ ଅଧିକାରୀ ପ୍ରକାଶ ଚନ୍ଦ୍ର ମଲ୍ଲିକ ଏବଂ ଅନ୍ୟ କର୍ମଚାରୀମାନେ ଏହି ଚଢ଼ାଉ କରିଥିଲେ। ଜବତ ଗଞ୍ଜେଇ ବୌଦ୍ଧ ଅଞ୍ଚଳକୁ ଚାଲାଣ କରାଯାଉଥିବା ଜଣାପଡ଼ିଛି। ଏ ନେଇ ଅବକାରୀ ଥାନାରେ ୧୦୬/୨୫ରେ ମାମଲା ରୁଜୁ ହୋଇଛି।

ସୂଚନାଯୋଗ୍ୟ ପୂର୍ବରୁ ୨୦୨୨ ମସିହାରେ ମଧ୍ୟ ରଘୁପତି ଗଂଜେଇ ଚାଲାଣ କଲାବେଳେ ଅବକାରୀ ବିଭାଗ ହାତରେ ଧରାପଡ଼ି ଜେଲ ଯାଇଥିଲେ। ପରେ ପ୍ରମାଣ ଅଭାବରୁ ମାମଲାରେ ଖଲାସ ହୋଇଥିଲେ। ଏହାକୁ ନେଇ ଏବେ ଫୁଲବାଣୀରେ ଚର୍ଚ୍ଚା ଜୋର ଧରିଛି।

### ଓଡ଼ିଶା ଖାଦ୍ୟ ସୁରକ୍ଷା ଆୟୋଗ ସଦସ୍ୟଙ୍କ ମୋହନା ବ୍ଲକ ଗସ୍ତ

# ନିମ୍ନମାନର ମଧ୍ୟାହ୍ନ ଭୋଜନ, ପିଡିଏସ୍ ଚାଉଳ ଦେଖି ଅସନ୍ତୋଷ

ମୋହନା,୩।୯ (ସମିସ)



ରାଜ୍ୟ ଖାଦ୍ୟ ସୁରକ୍ଷା ଆୟୋଗଙ୍କ ତିନି ଜଣିଆ ଟିମ୍ ବୁଧବାର ମୋହନା ବ୍ଲକ ଗସ୍ତରେ ଆସି ବିଭିନ୍ନ ସ୍ଥାନ ପରିଦର୍ଶନ କରିଥିଲେ। ପାରଳାଖେମୁଣ୍ଡିରୁ କାର୍ ଯୋଗେ ଆସି ଟିମ୍ ସଦସ୍ୟମାନେ ପ୍ରଥମେ ଚନ୍ଦ୍ରଗିରି ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ପହଞ୍ଚି ମଧ୍ୟାହ୍ନଭୋଜନର ମାନ ପରଖିଥିଲେ। ପରେ ଚନ୍ଦ୍ରଗିରି ପଞ୍ଚାୟତ କାର୍ଯ୍ୟାଳୟରେ ସାର୍ବଜନୀନ ବଣ୍ଟନ ବ୍ୟବସ୍ଥା (ପିଡିଏସ୍) ଦ୍ୱାରା ଦିଆଯାଉଥିବା ଚାଉଳର ମାନ ପରଖିଥିଲେ। ଏହାପରେ ମାଣିକପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ମଧ୍ୟାହ୍ନଭୋଜନ ଯାଞ୍ଚ କରିବା ସହ ପଞ୍ଚାୟତ କାର୍ଯ୍ୟାଳୟର ପିଡିଏସ୍ ବିଭାଗ ପରିଦର୍ଶନ କରି ବିରକ୍ତି ଭାବ ପ୍ରକାଶ କରିଥିଲେ। ଏହାପରେ ମୋହନା ପାତ୍ର ସାହି ଅଙ୍ଗନବାଡି କେନ୍ଦ୍ରର ପୋଷଣ ବଗିଚା ଏବଂ ଖଣି ଆଶ୍ରମ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ଏହି ଅବସରରେ ମୋହନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଏବଂ କର୍ମଚାରୀଙ୍କ ସହ ଏକ ବୈଠକ ହୋଇଥିଲା। ବିଭିନ୍ନ ସ୍ଥାନ ବୁଲିବା ପରେ ଖାଦ୍ୟ ସୁରକ୍ଷା ଆୟୋଗ ସମସ୍ତ ବ୍ୟବସ୍ଥା ନେଇ ଖୁସି ବ୍ୟକ୍ତ କରିଥିବା ବେଳେ ମୋହନା ଅଞ୍ଚଳର ବିଭିନ୍ନ ବିଦ୍ୟାଳୟ ମାନଙ୍କରେ ସରକାରଙ୍କ ଦ୍ୱାରା ଦିଆଯାଉଥିବା ମଧ୍ୟାହ୍ନଭୋଜନକୁ ନେଇ ଅସନ୍ତୋଷ ବ୍ୟକ୍ତ କରିବା ସହ ଅଞ୍ଚଳରେ ଅତି ନିମ୍ନ ମାନର ମଧ୍ୟାହ୍ନଭୋଜନ ଛାତ୍ରଛାତ୍ରୀଙ୍କୁ ଦିଆଯାଉଥିବା କହିଛନ୍ତି।

ଏହାର ରିପୋର୍ଟ ଜିଲ୍ଲାପାଳ ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯିବା ସହ କାର୍ଯ୍ୟାନୁଷ୍ଠାନ ପାଇଁ କୁହାଯିବ ବୋଲି ଖାଦ୍ୟ ସୁରକ୍ଷା ଆୟୋଗର ସଦସ୍ୟ ମାନେ କହିଛନ୍ତି। ଆୟୋଗ ତିନି ଜଣିଆ ଟିମ୍‌ରେ ଦୟାନିଧି ଦାଶ ,ଅକ୍ଷୟ କୁମାର ବେହେରା ,ପ୍ରିୟବ୍ରତ ସାମନ୍ତରାୟ ରହିଥିବା ବେଳେ ଏହି ଗସ୍ତ ସମୟରେ ମୋହନା ବିଡ଼ିଓ ରାଜୀବ ଦାସଙ୍କ ସମେତ ଜିଲ୍ଲା ଏବଂ ବ୍ଲକସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

## ବିଡିଓଙ୍କ ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ



ଜି.ଉଦୟଗିରି,୩।୯ (ସମିସ): କନ୍ଧମାଳ ଜିଲ୍ଲା କୃଷି ଓ କୃଷକ ସୁରକ୍ଷା ପରିଷଦ ସଦସ୍ୟା ବିଡ଼ିଓଙ୍କ ପ୍ରତିଶ୍ରୁତି ପରେ ପ୍ରତ୍ୟାହାର କରିଛନ୍ତି। ରାଇକିଆ ବିଡ଼ିଓ ଧାରଣାସ୍ଥଳକୁ ଆସି କୃଷକଙ୍କ ସହ ୮ ଦଫା ଦାବି ସମ୍ପର୍କରେ ଆଲୋଚନା କରିଥିଲେ। ପଞ୍ଚାୟତ ସମିତିସ୍ତରରେ ଯେଉଁ ଦାବିର ସମାଧାନ ହେବ ସେ ଚଳିତମାସ ୧୮ ତାରିଖ ସୁଦ୍ଧା କରିବେ ଏବଂ ଅନ୍ୟ ସମସ୍ୟାର ସମାଧାନ ପାଇଁ ଜିଲ୍ଲାପାଳଙ୍କ ସହ ଆଲୋଚନା କରାଯିବ ବୋଲି ବିଡିଓ କହିଥିଲେ। ଏଭଳି ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ବିଭାଗୀୟ ଅଧିକାରୀ ଏବଂ ଜିଲ୍ଲାପାଳଙ୍କୁ ସମସ୍ୟା ସମ୍ପର୍କରେ ଅବଗତ କରାଯିବ। ସମାଧାନ ନହେଲେ କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯିବ ବୋଲି ଉପସ୍ଥିତ ସଦସ୍ୟ କହିଥିଲେ। ପିଲିମିନା ପ୍ରଧାନ, ମାଗ ପ୍ରଧାନ, ଗୁପୁଡି ପ୍ରଧାନ, ଲୁଲିତା ପ୍ରଧାନ,ଜୟନ୍ତୀ ପ୍ରଧାନ, ପନିମା ପ୍ରଧାନ, ସୁଜାତା ପ୍ରଧାନ, ମାନୀନି ପ୍ରଧାନ, ଇରାବତୀ ପ୍ରଧାନ, ସୁଭଦ୍ରା ପ୍ରଧାନ, ସୁବନ୍ତି ପ୍ରଧାନ, ରବୀନ୍ଦ୍ର ପ୍ରଧାନ, ନରେସ ପ୍ରଧାନ, ଜାଙ୍କର ପ୍ରଧାନ, ଅନୁଷ୍ଠାନର ସଚେତକ ମହମ୍ମଦ ଜିଆଉଦ୍ଦିନ, କାର୍ଯ୍ୟକାରୀ ସଭାପତି ସନାତନ ପ୍ରଧାନ ଏବଂ କୋଷାଧ୍ୟକ୍ଷ ବିପିନ ପ୍ରଧାନ, ତୃଣମୂଳ ସଂଗଠନ ସଭାପତି ବିଜୟ ପ୍ରଧାନ ଏବଂ ଶିବରାମ ପ୍ରଧାନ ଧାରଣାରେ ସାମିଲ ହୋଇଥିଲେ।

## ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଫିରିଙ୍ଗିଆ,୩।୯ (ସମିସ): ଫିରିଙ୍ଗିଆ ବ୍ଲକ ପବିଙ୍ଗିଆ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ତ୍ରିଲୋଚନ ଖମାରିଙ୍କୁ ବ୍ଲକ ତରଫରୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ସେ ୩୮ ବର୍ଷ ଚାକିରି କାଳରେ ପ୍ରଥମେ ବୌଦ୍ଧ ଜିଲ୍ଲାର କଣ୍ଟାମାଳ ବ୍ଲକ ଘଣ୍ଟାପଡ଼ା ପଞ୍ଚାୟତରେ ୧୯୮୮ ମସିହାରେ ନିଜର ଚାକିରି ଜୀବନ ଆରମ୍ଭ କରିଥିଲେ। ପରେ କନ୍ଧମାଳ ଜିଲ୍ଲାକୁ ବଦଳି ହୋଇଥିଲା। କନ୍ଧମାଳ ଜିଲ୍ଲାର ଦାରିଙ୍ଗବାଡି, ବାଲିଗୁଡା, କେ.ନୂଆଗାଁ, ଖଜୁରୀପଡ଼ା ଓ ଫିରିଙ୍ଗିଆ ବ୍ଲକର ବିଭିନ୍ନ ପଞ୍ଚାୟତରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବରେ କାର୍ଯ୍ୟ କରିଥିଲେ। ଫିରିଙ୍ଗିଆ ବ୍ଲକର ପବିଙ୍ଗିଆ ପଞ୍ଚାୟତରେ ଚଳିତ ଅଗଷ୍ଟ ୩୧ ତାରିଖରେ ଚାକିରି କାଳ ସମାପ୍ତି ହୋଇଛି। ଏହି ଅବସରରେ ଫିରିଙ୍ଗିଆ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅନୁପ ଅଭିଷେକ ବେହେରା, ଏପିଓ ସୁମନ୍ତ ଉଠାଣ ସିଂ, ସହକାରୀ ଯନ୍ତ୍ରୀ ଜୟ ପ୍ରକାଶ ଜେନା, ପିଇଓ ଚକ୍ରଧର ମହାରଣା କନିଷ୍ଠଯନ୍ତ୍ରୀ ସୁମନ୍ତ ଭୋଇ, ଲିପ୍ସ୍ନୟ ସ୍ୱାଇଁଙ୍କ ସହ ୨୪ ପଞ୍ଚାୟତର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ଏଡିଇଓ ଏବଂ ବ୍ଲକ କାର୍ଯ୍ୟାଳୟରେ କାର୍ଯ୍ୟରତ କର୍ମଚାରୀ ଉପସ୍ଥିତ ଥିଲେ।



### ■ ଭଉଣୀ ବାହାଘର ପାଇଁ ଗଞ୍ଜେଇ ଚୋରା ଚାଲାଣ

## କେରଳ ଯୁବକକୁ ଗିରଫ କଲା ଅବକାରୀ ବିଭାଗ

ମୋହନା, ୩।୯ (ସମିସ): ଭଉଣୀ ବାହାଘର ପାଇଁ ଗଞ୍ଜେଇ ଚୋରା ଚାଲାଣ କରି ଅର୍ଥ ଉପାର୍ଜନ ପାଇଁ ଓଡ଼ିଶା ଆସିଥିଲା କେରଳର ଜଣେ ଯୁବକ। ହେଲେ ବସ୍‌କୁ ଅପେକ୍ଷା କରିଥିବା ସମୟରେ ଗଞ୍ଜେଇ ସହ ଯୁବକଙ୍କୁ ମାଡ଼ି ବସିଲା ମୋହନା ଅବକାରୀ ବିଭାଗ। ବୁଧବାର ସକାଳେ ମୋହନା ଅବକାରୀ ବିଭାଗ ପାଟ୍ରୋଲିଂ କରିବା ସମୟରେ ଗୁଣ୍ଡିମା ଗାଁ ନିକଟରେ ଜଣେ ସନ୍ଦିଗ୍ଧ ଯୁବକକୁ ଦେଖିଥିଲେ। ଯୁବକଙ୍କ ପାଖରେ ଥିବା ବ୍ୟାଗକୁ ତାଲାସୀ ବେଳେ ୧୦ କିଲୋ ଗଞ୍ଜେଇ ବାହାରିଥିଲା। ପରେ ଅବକାରୀ ବିଭାଗ ଯୁବକକୁ ଗିରଫ କରିଥିଲା। ଯୁବକ ଜଣଙ୍କ ହେଲେ କେରଳ କାଲିକୋଟ୍ ଅଞ୍ଚଳର ମିହାର୍ଷା ପି.ପି। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୧ ଲକ୍ଷ ଟଙ୍କା ହେବ। ଆଜି ଯୁବକଙ୍କୁ କୋର୍ଟରେ ହାଜର କରାଯାଇଛି। ଯୁବକ ଜଣଙ୍କ ନିଜ ଭଉଣୀର ବାହାଘର ପାଇଁ ମାତ୍ର ଦଶ ହଜାର ଟଙ୍କା ଆବଶ୍ୟକ ଥିବାରୁ ଗଞ୍ଜେଇ ଚାଲାଣ କରିବା ପାଇଁ ଓଡ଼ିଶା ଆସିଥିଲା ବୋଲି ଅବକାରୀ ବିଭାଗକୁ ସୂଚନା ଦେଇଥିବା ଜଣାପଡିଛି।



## କୃଷକ ସମବାୟ ସମିତି ଗୋଦାମ ଗୃହ ନିର୍ମାଣ ଦାବି



ପାରଳାଖେମୁଣ୍ଡି,୩।୯ (ସମିସ): ଗଜପତି ଜିଲ୍ଲା ଗୋଷାଣି ବ୍ଲକ ଗୌଡତାଳସିଂ ଗ୍ରାମରେ କୃଷକ ସମବାୟ ସମିତି ଗୋଦାମ ଗୃହ ନିର୍ମାଣ ପାଇଁ ଦାବି ହୋଇଛି। ଗୌଡତାଳସିଂ ଗ୍ରାମବାସୀ ବୁଧବାର ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ପ୍ରାୟ ୪୦ ବର୍ଷ ଧରି ଗ୍ରାମରେ କୃଷକ ସମବାୟ ସମିତି ସ୍ଥାପନ ହୋଇଛି। ହେଲେ ଏହା ଏବେ ଗାରାବନ୍ଧ କୃଷକ ସମବାୟ ସମିତି ସହ ସମ୍ମିଶ୍ରଣ ହୋଇ ଏଠାକାର ସମ୍ପାଦକ ଗାରାବନ୍ଧରେ ଦାୟିତ୍ୱ ତୁଲାଉଛନ୍ତି। ଏଥିଯୋଗୁ ଧାନ ବିକ୍ରୟ କିମ୍ବା ଅନ୍ୟ କୌଣସି କାର୍ଯ୍ୟବେଳେ ଗ୍ରାମାଞ୍ଚଳର ଚାଷୀ ଗାରାବନ୍ଧ ଯିବାକୁ ପଡୁଛି। ବର୍ତ୍ତମାନ ସରକାରଙ୍କ ତରଫରୁ ସମବାୟ ସମିତି ଗୋଦାମ ଗୃହ ନିର୍ମାଣ ପାଇଁ ନିର୍ଦ୍ଦେଶ ଆସିଛି। ଏଥିପାଇଁ ଗ୍ରାମାଞ୍ଚଳରେ ସରକାରୀ ଜାଗା ମଧ୍ୟ ରହିଛି। ହେଲେ ଗୋଦାମ ଗୃହ ନିର୍ମାଣ ସୋବରା ଗ୍ରାମ ନିକଟରେ ହେବ ବୋଲି ଶୁଣିବାକୁ ମିଳିଛି। ବର୍ତ୍ତମାନ ଯେଉଁ ଜାଗାରେ ହେବାକୁ ଯାଉଛି ତାହା ଗ୍ରାମଠାରୁ ଦୁଇରୁ ତିନି କିମି ଦୂର। ଗ୍ରାମରେ ସମବାୟ ସମିତି ଥାଇ, ଜାଗା ଥାଇ ବି ଅନ୍ୟତ୍ର ଯୋଜନା ଠିକ୍ ନୁହଁ ବୋଲି ଗ୍ରାମବାସୀ କହିଛନ୍ତି। ଗୋଦାମ ଗୃହ ଗୌଡତାଳସିଂରେ ନିର୍ମାଣ ହେଲେ ଚାଷୀକୂଳ ଉପକୃତ ହୋଇପାରିବେ ବୋଲି ଜିଲ୍ଲାପାଳଙ୍କୁ ଅନୁରୋଧ କରିଛନ୍ତି।

### ■ ସଦାରାମ ପୋଖରୀ ଜାଗା ଜବରଦଖଲ

## ପରିସୀମା ନିର୍ଦ୍ଧାରଣ ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର



ପାରଳାଖେମୁଣ୍ଡି,୩।୯ (ସମିସ): ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସହରର ରାଜଗୁରୁ ସାହି ଛକ ନିକଟସ୍ଥ ରଘୁନାଥ ମନ୍ଦିର ପାଶ୍ୱର୍ରେ ଥିବା ସଦାରାମ ପୋଖରୀର ପରିସୀମା ନିର୍ଦ୍ଧାରଣ ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସମାଜସେବୀ ତଥା ସୂଚନା ଅଧିକାରୀ କର୍ମୀ ପ୍ରନୋଜ କୁମାର ପଟ୍ଟନାୟକ ବୁଧବାର ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। କିଛି ବ୍ୟକ୍ତିବିଶେଷ ଏହି ପୋଖରୀର ଜାଗାକୁ ଜବରଦଖଲ କରିଛନ୍ତି। ଏହା ସହରର ବହୁ ପୁରାତନ ପୋଖରୀ ହୋଇଥିବା ବେଳେ ଏହା ଉପରେ ୫ରୁ ଅଧିକ ୱାର୍ଡବାସିନ୍ଦା ନିର୍ଭର କରିଥାନ୍ତି। ଏପରି ଜବରଦଖଲ ଯୋଗୁ ପୋଖରୀର ଆୟତନ ସଂକୁଚିତ ହୋଇଯାଇଛି।

ଉକ୍ତ ପୋଖରୀର ପ୍ରକୃତ ଆୟତନ ଆଜି ମଧ୍ୟ ଅନେକ ସ୍ଥାନୀୟ ବାସିନ୍ଦାଙ୍କ ଜ୍ଞାତସାରରେ ନଥିବାରୁ ଏହାର ଆୟତନକୁ ସର୍ବସାଧାରଣ କରିବା ଏବଂ ପୋଖରୀର ଆୟତନକୁ ସଂରକ୍ଷିତ ରଖିବା ପାଇଁ ଶ୍ରୀ ପଟ୍ଟନାୟକଙ୍କ ସହ ଅଞ୍ଚଳବାସୀ ଦାବି କରିଛନ୍ତି।

## ଚୋରି ଓ ହଜିଯାଇଥିବା ମୋବାଇଲ୍ ଫେରାଇଲା ପୁଲିସ

ପାରଳାଖେମୁଣ୍ଡି,୩।୯ (ସମିସ): ପାରଳାଖେମୁଣ୍ଡି ଉପକଣ୍ଠ ରାଣୀପେଣ୍ଠ ସ୍ଥିତ ଜିଲ୍ଲା ପୁଲିସ୍ କାର୍ଯ୍ୟାଳୟରେ ବୁଧବାର ମୋବାଇଲ ମେଳା ଅନୁଷ୍ଠିତ ହୋଇଥିଲା। ଗଜପତି ଆରକ୍ଷୀ ଅଧୀକ୍ଷକ ଯତୀନ୍ଦ୍ର କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ମେଳାରେ ୪୦ରୁ ଉର୍ଦ୍ଧ୍ୱ ପ୍ରକୃତ ମାଲିକଙ୍କୁ ସେମାନଙ୍କ ହଜି ଯାଇଥିବା ଓ ଚୋରି ହୋଇଥିବା ମୋବାଇଲ ଫୋନ ଫେରାଇ ଦିଆଯାଇଛି। ବୈଷୟିକ ଜ୍ଞାନକୌଶଳ ବ୍ୟବହାର କରି ପୁଲିସ୍ ଓ ସାଇବର୍ ସେଲ୍ ଖୋଜି ପାଇ ପ୍ରକୃତ ମୋବାଇଲ୍ ଫୋନ୍ ମାଲିକଙ୍କୁ ଚିହ୍ନଟ କରି ପ୍ରଦାନ କରିଛି। ଆରକ୍ଷୀ ଅଧୀକ୍ଷକ ଶ୍ରୀ ପଣ୍ଡା ଗଣମାଧ୍ୟମ ସହ ଆଲୋଚନା ବେଳେ ଦୁଇମାସ ମଧ୍ୟରେ ଏହି ମୋବାଇଲ୍ ଠାବ କରିବାରେ ପୁଲିସ ସଫଳ ହୋଇଛି ବୋଲି କହିଛନ୍ତି। ଆଗାମୀ ଦିନରେ ମଧ୍ୟ ହଜିଥିବା ଓ ଚୋରି ହୋଇଥିବା ମୋବାଇଲ୍‌କୁ ଠାବ କରି ପ୍ରକୃତ ମୋବାଇଲ୍ ଫୋନ୍ ମାଲିକଙ୍କୁ ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଆଜିର ଏହି ମୋବାଇଲ୍ ହସ୍ତାନ୍ତର ମେଳାରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁନିଲ କାନ୍ତ ମହାନ୍ତି, ଏସ୍‌ଆଇ ବଳରାମ ବେହେରା, ଏଏସ୍‌ଆଇ ସୁରେନ୍ଦ୍ର ସେଠୀ, ସାଇବର ସେଲ୍‌ର ସାଗର ସାହୁ, ବାସୁଦେବ ରାଓ ଓ ସୁନୀଲ କୁମାର ପାଢୀ ଉପସ୍ଥିତ ଥିଲେ।




## କେରଳରେ ପୁଣି ଜଣେ ଦାଦନ ଶ୍ରମିକଙ୍କ ମୃତ୍ୟୁ

ଜି.ଉଦୟଗିରି,୩।୯ (ସମିସ): କନ୍ଧମାଳ ଜିଲ୍ଲାରେ କମୁନି ଦାଦନ ଯନ୍ତ୍ରଣା। ଗତ ରବିବାର ଜି.ଉଦୟଗିରି ବ୍ଲକ କଟିଙ୍ଗିଆ ଗ୍ରାମର ଜଣେ ୩୫ ବର୍ଷୀୟ ଯୁବକଙ୍କ ମୃତ୍ୟୁ ହୋଇଥିଲା। ଗ୍ରାମବାସୀଙ୍କ ମନରୁ ଦୁଃଖ ହଟି ନଥିବା ବେଳେ ପୁଣି ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ସୂଚନା ଅନୁସାରେ କେରଳର ଏର୍ଣ୍ଣାକୁଲମ ଜିଲ୍ଲା କୋଚି ସିଟି ପୁଲିସ ଏକ ପୋଲ ତଳ ଡ୍ରେନରୁ କଟିଙ୍ଗିଆ ପଞ୍ଚାୟତ ଟିଆଙ୍ଗିଆ ବୁଡେଡ଼ିପଡ଼ା ଗ୍ରାମର ୩୪ ବର୍ଷୀୟ ଯୁବକ ସୂର୍ଯ୍ୟକାନ୍ତ ପ୍ରଧାନଙ୍କ ଗଳିତ ମୃତଦେହ ମଙ୍ଗଳବାର ଉଦ୍ଧାର କରିଥିବା ପରିବାର ତରଫରୁ ସୂଚନା ମିଳିଛି। କୋଚି ସିଟି ପୁଲିସ ଗଳିତ ମୃତଦେହ ଉଦ୍ଧାର ପରେ ମୃତ ସୂର୍ଯ୍ୟକାନ୍ତଙ୍କ ପକେଟରୁ ଆଧାର କାର୍ଡ ଓ ମୋବାଇଲ ଜବତ କରି ପରିଚୟ ଓ ଠିକଣା ପାଇ ପରିବାର ଲୋକଙ୍କୁ ଯୋଗାଯୋଗ କରି ଘଟଣା ସମ୍ପର୍କରେ ଖବର ଦେଇଥିଲେ। ମୃତ ସୂର୍ଯ୍ୟକାନ୍ତ ଗତ ଜନ୍ମାଷ୍ଟମୀ ଦିନ ଘରୁ କାମଧନ୍ଦା ଅନ୍ୱେଷରେ କେରଳ ଯାଇଥିଲେ। ମୃତ୍ୟୁର କାରଣ ଅସ୍ପଷ୍ଟ ଥିବାବେଳେ କୋଚି ସିଟି ପୁଲିସ ତଦନ୍ତ କରୁଥିବା ସୂଚନା ମିଳିଛି। ସୂର୍ଯ୍ୟକାନ୍ତଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ନିଜ ଗାଁ ଟିଆଙ୍ଗିଆ, ବୁଡେଡ଼ିପଡ଼ାକୁ ଆଣିବା ପାଇଁ ପରିବାର ତରଫରୁ ଜିଲ୍ଲା ପ୍ରଶାସନକୁ ଅନୁରୋଧ କରାଯାଇଛି।

## ଜିଲ୍ଲାସ୍ତରୀୟ ଆଦି କର୍ମଯୋଗୀ କର୍ମଶାଳା

ଫୁଲବାଣୀ,୩।୯ (ସମିସ): ବୁଧବାର ଜିଲ୍ଲାସ୍ତରୀୟ ଆଦି କର୍ମଯୋଗୀ କର୍ମଶାଳା ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ରମେଶ ଜେନା, ମୁଖ୍ୟ ଉନ୍ନୟନ ଅଧିକାରୀ ଶମ୍ଭୁନାଥ ନନ୍ଦୀ, ଫୁଲବାଣୀ ଉପ ଜିଲ୍ଲାପାଳ ଭିକାରୀ ସାହୁଙ୍କ ସମେତ ବିଭିନ୍ନ ବିଭାଗର ପଦାଧିକାରୀ ଉପସ୍ଥିତ ଥିଲେ। ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ବ୍ଲକ ସ୍ତରୀୟ ଅଧିକାରୀଆଭାସୀ ମାଧ୍ୟମରେ ଯୋଗଦେଇଥିଲେ। ଧରତୀ ଆବା ଜନଜାତୀୟ ଗ୍ରାମୀଣ ଉତ୍କର୍ଷ ଅଭିଯାନ ଗ୍ରାମଗୁଡିକରେ ଆଦି କର୍ମଯୋଗୀ ଚୟନ କରାଯାଇ ସରକାରଙ୍କ ଯୋଜନା ଗୁଡିକ ଗ୍ରାମସ୍ତରରେ ହିତାଧିକାରୀଙ୍କ ନିକଟରେ ପହଞ୍ଚାଇବା ନେଇ ସୂଚନା ଦିଆଯାଇଛି। କର୍ମଶାଳାକୁ ଫୁଲବାଣୀ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଗଦାଧର ପାତ୍ର ସଂଯୋଜନା କରିଥିବାବେଳେ ପ୍ରଦାନ ଏନଜିଓ ସହଯୋଗ କରିଥିଲା।

## ମୁଣ୍ଡାପଦର ବିନ୍ଧାଣୀସାହି ରାସ୍ତା ମରଣଯନ୍ତା



ଫିରିଙ୍ଗିଆ,୩।୯ (ସମିସ): କନ୍ଧମାଳ ଜିଲ୍ଲାରେ ଆଜିବି ଲୋକେ ଭଲ ରାସ୍ତା ନଥିବାରୁ ଯାତାୟାତରେ ନାହିଁ ନଥିବା ହୀନସ୍ତା ହେଉଛନ୍ତି। ଏପରି ଘଟଣା ଦେଖିବାକୁ ମିଳୁଛି ଫିରିଙ୍ଗିଆ ବ୍ଲକ ଗୋଛାପଡା ପଞ୍ଚାୟତ ମୁଣ୍ଡାପଦର ୱାର୍ଡରେ। ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ଏକ କିମି ଦୂର ଏବଂ ଗୋଛାପଡା କ୍ରାଣ୍ଡିବାଲି ମୁଖ୍ୟରାସ୍ତାରୁ ମାତ୍ର ପାଞ୍ଚ ଶହ ମିଟର ଦୂର ମୁଣ୍ଡାପଦର ବିନ୍ଧାଣୀ ସାହି ରାସ୍ତା ପ୍ରଶାସନର ଚରମ ଅବହେଳା ଯୋଗୁଁ ମରଣଯନ୍ତା ପାଲଟିଛି। ରାସ୍ତା ମରାମତି ପାଇଁ ବାରମ୍ବାର ଅଭିଯୋଗ ହେଉଥିଲେ ମଧ୍ୟ କେହି ଶୁଣି ନ ଥିବା ଅଭିଯୋଗ କରିଛନ୍ତି ବିନ୍ଧାଣୀସାହି ବାସିନ୍ଦା। ଅନ୍ୟଦିନ ମାନଙ୍କରେ ଯେନତେନ ଭାବେ ଚଳି ଯାଉଥିବା ବେଳେ ବର୍ଷା ହେଲେ କୋମଳମତି ଶିଶୁମାନେ ଅଙ୍ଗନବାଡ଼ି ଯିବା ଓ ଜରୁରୀ ସେବା ବାଧାପ୍ରାପ୍ତ ହେଉଛି। ଏହି ବିଷୟରେ ସରପଞ୍ଚ ଯୁଗାନ୍ତ କହଁରଙ୍କୁ ପଚାରିବାରୁ ବର୍ଷାଦିନ ପରେ ଶୀଘ୍ର କାମ ଆରମ୍ଭ କରାଯିବ ବୋଲି କହିଛନ୍ତି।

## ବର୍ଷାରେ ଭାଙ୍ଗିଲା ଜୁଜୁରପଡ଼ା ପୋଲ



ଫିରିଙ୍ଗିଆ,୩।୯ (ସମିସ): ଫିରିଙ୍ଗିଆ ବ୍ଲକ ତଳ ଦଣ୍ଡିକିଆ ପଞ୍ଚାୟତ ଜୁଜୁରପଡ଼ା ନିକଟରେ ଥିବା ପୋଲ ଲଗାଣ ବର୍ଷାରେ ଭାଙ୍ଗି ଧୋଇଯାଇଛି। ଫିରିଙ୍ଗିଆ ବ୍ଲକର ବିଭିନ୍ନ ଅଞ୍ଚଳରେ ଗତ କିଛିଦିନ ଧରି ଲଗାଣ ବର୍ଷା ଲାଗି ରହିଛି। ବର୍ଷା ଯୋଗୁ ବିଭିନ୍ନ ସ୍ଥାନରେ ଗଛ ପଡିବା ସହ ବହୁ ଘର ମଧ୍ୟ ଭାଙ୍ଗି ଯାଇଛି। ଗତ ସୋମବାର ତଳଦଣ୍ଡିକିଆ ଅଞ୍ଚଳରେ ପ୍ରବଳ ବର୍ଷା ହେବାରୁ ଏହି ପଞ୍ଚାୟତ ଅନ୍ତର୍ଗତ ଜୁଜୁରପଡ଼ା ଠାରୁ ସାରୁମାହା ଯାଇଥିବା ରାସ୍ତାର ଜୁଜୁରପଡ଼ା ନିକଟରେ ଥିବା ପୋଲ ଭାଙ୍ଗି ଧୋଇଯାଇଛି। ପୋଲ ଧୋଇଯିବାରୁ ଦୁଇଟି ୱାର୍ଡର ଅଞ୍ଚଳବାସୀ ଯାତାୟତ ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ପୋଲ ଦେଇ ଅଙ୍ଗନବାଡ଼ି କେନ୍ଦ୍ରଠାରୁ ପ୍ରାଥମିକ ବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ଦୈନନ୍ଦିନ ଯିବାକୁ ପଡୁଥିବା ବେଳେ ନିତ୍ୟ ବ୍ୟବହାର୍ଯ୍ୟ ପାଇଁ ଗୁଟିଙ୍ଗିଆ ଉପରେ ଅଞ୍ଚଳବାସୀ ନିର୍ଭର କରୁଛନ୍ତି। ପୋଲ ଭାଙ୍ଗିଯିବାରୁ ଯାତାୟତ ବାଧାପ୍ରାପ୍ତ ହୋଇଛି।

ଅଞ୍ଚଳବାସୀ ପୋଲ ଭାଙ୍ଗିଯିବା ପରେ ପୋଲ ଉପର ପଟେ ପାଣି ଉପର ଦେଇ ବହୁ କଷ୍ଟରେ ଯିବାଆସିବା କରୁଛନ୍ତି। ଅଞ୍ଚଳବାସୀ ସ୍ଥାନୀୟ ତଳଦଣ୍ଡିକିଆ ପଞ୍ଚାୟତ ସରପଞ୍ଚ ଶଙ୍କର ପ୍ରଧାନଙ୍କୁ ଜଣାଇବା ପରେ ନିଜେ ସରପଞ୍ଚ ଯାଇ ଦେଖିଛନ୍ତି। ତଳଦଣ୍ଡିକିଆ ପଞ୍ଚାୟତ ସରପଞ୍ଚଙ୍କୁ ଏ ସମ୍ପର୍କରେ ପଚାରିବାରୁ ଫିରିଙ୍ଗିଆ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅନୁପ ଅଭିଷେକ ବେହେରାଙ୍କୁ ଭେଟି ପୋଲ ଭାଙ୍ଗିଥିବା ଓ ଯାତାୟାତ ସମସ୍ୟା ହେଉଥିବା ଅବଗତ କରାଯିବ ବୋଲି କହିଛନ୍ତି। ତୁରନ୍ତ ପୋଲ ନିର୍ମାଣ କରି ଅଞ୍ଚଳବାସୀଙ୍କ ଯାତାୟତ ସମସ୍ୟାର ସମାଧାନ ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

## ହାତୀ ଘର ଭାଙ୍ଗିବାକୁ ବର୍ଷେ ବିତିଲା; ମିଳୁନି ସହାୟତା

ଜି.ଉଦୟଗିରି,୩।୯ (ସମିସ)



ଗତବର୍ଷ ଜୁଲାଇ ୭ରେ କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ବ୍ଲକ କଳିଙ୍ଗା ପଞ୍ଚାୟତ ଭାଲିଆପଟା ଗ୍ରାମର ବୃଦ୍ଧ ଯୁଗୁରାଇ ପ୍ରଧାନଙ୍କ ଘରକୁ ହାତୀ ଭାଙ୍ଗିଦେଇଥିଲା। ଏଥିସହ ଫସଲ, ଗୁହାଳ ଓ ଘର ଆସବାବପତ୍ର ମଧ୍ୟ ନଷ୍ଟ କରିଦେଇଥିଲା। ଘଟଣାକୁ ବର୍ଷେ ବିତିଲାଣି, କିନ୍ତୁ ପ୍ରଭାବିତଙ୍କୁ ସରକାରୀ ସହାୟତା କିମ୍ବା ଅନୁକମ୍ପା ରାଶି ଆଜି ପର୍ଯ୍ୟନ୍ତ ମିଳିପାରିନି। ବର୍ଷେ ହେଲା ହାତୀ ଆତଙ୍କ ଜାରି ରହିଛି। ୩ ମଣିଷ, ୧୧ ଗାଈକୁ ହାତୀ ମାରିବା ସହ ଘର, ଗୁହାଳ ଓ ଫସଲ ନଷ୍ଟ କରିଛି। ତଥାପି, କ୍ଷତିଗ୍ରସ୍ତଙ୍କୁ ସହାୟତା ମିଳିବାରେ ପ୍ରଶାସନର ଟାଳଟୁଳ ନୀତି ଗ୍ରାମବାସୀଙ୍କୁ ହତାଶ କରିଥିବା ବେଳେ ଏନେଇ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଯୁଗୁରାଇ ରାଜସ୍ୱ ଓ ବନ ବିଭାଗକୁ ଅନେକଥର ଯାଇ ଗୁହାରି ଜଣାଇଛନ୍ତି। କିନ୍ତୁ ରାଜସ୍ୱ ବିଭାଗ କ୍ଷତିପୂରଣ ଦେବ ବୋଲି ବନବିଭାଗ କହୁଥିବା ବେଳେ ବନବିଭାଗ କ୍ଷତିପୂରଣ ଦେବ ବୋଲି ରାଜସ୍ୱ ବିଭାଗ କହୁଛି। ଏହି ଧରଣର ଅସ୍ପଷ୍ଟତାରେ ବୃଦ୍ଧ ବ୍ୟକ୍ତି ଜଣକ ଦୌଡ଼ିଦୌଡ଼ି ନୟାନ୍ତ ହୋଇଥିବା ବେଳେ ସହାୟତା ମିଳିପାରିନି। ସୂଚନା ଅନୁସାରେ, ସରକାରୀ ସହାୟତା ପାଇବାକୁ ପଟ୍ଟା ଜମି ଥିବା ଆବଶ୍ୟକ। ଯୁଗୁରାଇଙ୍କୁ ସରକାର "ମୋ କୁଡିଆ' ଯୋଜନାରେ ଘର ଦେଇଥିଲେ। ତାଙ୍କ ପାଖରେ ଜଙ୍ଗଲ ଜମିର ପଟ୍ଟା ମଧ୍ୟ ରହିଛି। ତଥାପି, ଏହି ପଟ୍ଟାକୁ ସରକାରୀ ସହାୟତା ପାଇଁ ଗ୍ରହଣଯୋଗ୍ୟ ମାନିବାକୁ ରାଜସ୍ୱ ଓ ବନ ବିଭାଗ ଏଡ଼ାଇ ଆସୁଛନ୍ତି। ପ୍ରଶ୍ନ ଉଠୁଛି ଯଦି ସରକାର ନିଜେ ପଟ୍ଟା ଦେଲେ, ତେବେ ସେଥିରେ ଘର କରିଥିବା ଲୋକ କାହିଁକି ସରକାରୀ ସହାୟତାରୁ ବଞ୍ଚିତ ହେବେ? ଯୁଗୁରାଇଙ୍କ ଭଳି ଅନେକ ଗ୍ରାମବାସୀ ହାତୀ ଆକ୍ରମଣରେ ଘର, ଫସଲ ଓ ପଶୁ ହାରାଇଥିବା ସତ୍ତ୍ୱେ ସହାୟତା ପାଇନାହାନ୍ତି। ଯଥାଶୀଘ୍ର ଏହି ସମସ୍ୟାର ସମାଧାନ କରି, କ୍ଷତିଗ୍ରସ୍ତଙ୍କୁ ନ୍ୟାୟ ଦେବାକୁ ଦାବି ହେଉଛି।

## ସାପ କାମୁଡ଼ାରେ ନାବାଳିକା ଛାତ୍ର ଓ ଛାତ୍ରୀ ମୃତ

**କୋଦଳା/ସୋରଡ଼ା, ୩।୯(ସମିସ):** ମଙ୍ଗଳବାର କୋଦଳା ରେଞ୍ଜର ବଙ୍ଗଳା ସାହିରେ ସାପ କାମୁଡ଼ାରେ ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଆଦିତ୍ୟ କୁମାର ଗୌଡ଼। ସୂଚନା ପ୍ରକାରେ ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ଶିକୁଳାରୁ ଆସି କୋଦଳା ରେଞ୍ଜରବଙ୍ଗଳା ସାହିରେ ଥିବା ଅଜାଘରେ ରହି ପାଠ ପଢୁଥିଲେ ଲକ୍ଷ୍ମଣ ଗୌଡ଼ ଓ ସନ୍ତୋଷିନୀ ଗୌଡ଼ଙ୍କ ପୁତ୍ର ଆଦିତ୍ୟ କୁମାର ଗୌଡ଼। ବାପା ମା'ପରିବାର ପ୍ରତିପୋଷଣ ପାଇଁ ସୁରଟରେ ରହି କାର୍ଯ୍ୟ କରୁଥିବା ବେଳେ ଆଦିତ୍ୟ ଖଡୁରାସାହି ପ୍ରାଥମିକ ବିଦ୍ୟାଳୟରେ ପଞ୍ଚମ ଶ୍ରେଣୀରେ ଅଧ୍ୟୟନ କରୁଥିଲେ। ମଙ୍ଗଳବାର ଘରେ ଶୋଇଥିବା ବେଳେ ହଠାତ୍ ତାଙ୍କୁ କ'ଣ କାମୁଡ଼ି ଦେବାରୁ ସେ ଘର ଲୋକଙ୍କୁ ଜଣାଇ ଥିଲେ। ପରେ ତାଙ୍କୁ କୋଦଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ଘରେ ଖୋଜାଖୋଜି କରିବାରୁ ଏକ ଗାତରେ ସାପ ଥିବା ଜଣାପଡ଼ିଥିଲା। ସ୍ନେକ୍ ହେଲ୍ପ୍ ଲାଇନ୍ ସଦସ୍ୟ ପହଞ୍ଚି ଗାତରୁ ଏକ ନାଗ ସାପ ଉଦ୍ଧାର କରି ଜଙ୍ଗଲରେ ଛାଡିଥିଲେ। କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ ପହଞ୍ଚି ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇବା ସହିତ ସରକାରୀ ସହାୟତା ପ୍ରଦାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ।

ସେହିପରି ବଡ଼ଗଡ଼ ଥାନା ରାଇବନ୍ଧ ଗ୍ରାମରେ ସାପ କାମୁଡ଼ାରେ ଜଣେ ତୃତୀୟ ଶ୍ରେଣୀ ଛାତ୍ରୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଶିବାନନ୍ଦ ସ୍ୱାଇଁଙ୍କ ଝିଅ ଖୁସି ସ୍ୱାଇଁ। ସେ ମଙ୍ଗଳବାର ରାତିରେ ଖାଇ ସାରି ପରିବାର ସହ ଶୋଇଥିଲେ। ହଠାତ ରାତିରେ ଚିତ୍କାର କରିବାରୁ ଘର ଲୋକ ଉଠି ଦେଖିବା ବେଳକୁ ଘରେ ଏକ ବିଷଧର ସାପ ଥିଲା। ପରେ ସାପଟିକୁ ବାହାରକୁ ଘଉଡ଼ାଇ ଦେଇଥିଲେ। ହେଲେ ଝିଅକୁ ସାପ କାମୁଡ଼ିଥିବା କଥା କେହି ଜାଣି ନପାରି ପୁଣି ଶୋଇପଡ଼ିଥିଲେ। ସକାଳୁ ଝିଅ ନ ଉଠିବାରୁ ତୁରନ୍ତ ବଡ଼ଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

● ଗଣେଶ ଭସାଣି ବେଳେ ଅଘଟଣ

## ଛିଡ଼ିଲା ବିଦ୍ୟୁତ୍ ତାର; ତିନି ଆହତ

**ଗଞ୍ଜାମ, ୩।୯(ସମିସ):** ଗଞ୍ଜାମ ବ୍ଲକ ଅନ୍ତର୍ଗତ କାଇଁଚପୁର ପଞ୍ଚାୟତ ମାଳିଜଗନ୍ନାଥପୁର ରେଡି ସାହିରେ ମଙ୍ଗଳବାର ସନ୍ଧ୍ୟାରେ ଗଣେଶ ମୂର୍ତ୍ତି ଭାସାଣି ଶୋଭାଯାତ୍ରାରେ ହଡ଼ାତ ବିଦ୍ୟୁତ୍ ତାର ଛିଣ୍ଡି ପଡ଼ିଥିଲା। ଫଳରେ ସାହିର ତିନି ଜଣ ଆହତ ହୋଇଛନ୍ତି। ସେମାନଙ୍କୁ ଗଞ୍ଜାମ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ତେବେ ଗଞ୍ଜାମ ମେଡିକାଲରେ ଆମ୍ବୁଲାନ୍ସ ନଥିବାରୁ ଆହତଙ୍କୁ ବାଇକରେ ଛତ୍ରପୁର ମେଡିକାଲ ନିଆଯାଇଛି। ସେଠାରେ ସେମାନଙ୍କ ଅବସ୍ଥା ସ୍ଥିର ଥିବା ବାଲୀ ଲୋକନାଥ ମନ୍ଦିର ପରିଚାଳନା କମିଟି ସଭାପତି ବି ବନମାଳୀ ସୂଚନା ଦେଇଛନ୍ତି। ଏଥିସହ ବର୍ତ୍ତମାନ ଆଖପାଖ କଲ୍ୟାଣପୁର, କାଇଁଚପୁର, ଜରାପଦର ଆଦି ଅଞ୍ଚଳରେ ବିଦ୍ୟୁତ ସରବରାହ ବନ୍ଦ ରହିଛି।

## ଖଟୁଆକୁଦା ଗ୍ରାମରେ ଭାଗବତ ପାରାୟଣ

**ଗଞ୍ଜାମ, ୩।୯(ସମିସ):** ଗଞ୍ଜାମ ବ୍ଲକ ଅନ୍ତର୍ଗତ ପାଳିବନ୍ଧ ପଞ୍ଚାୟତର ଖଟୁଆକୁଦା ଗ୍ରାମରେ ଭାଗବତ ପରାୟଣ ଶୁଭାରମ୍ଭ ହୋଇଛି। ପ୍ରତ୍ୟେକ ଦିନ ଭଜନ, କୀର୍ତ୍ତନ ସାଙ୍ଗକୁ ଭାଗବତ ପଠନ କାର୍ଯ୍ୟକ୍ରମ ଚାଲୁରହିଛି। ଆସନ୍ତା ଶନିବାର ଦିନ ଚାରି ପ୍ରହର ନାମଯଜ୍ଞ ଅନୁଷ୍ଠିତ ହେଇ ରବିବାର ଯମୁନା ସାନ୍ନ ସମାପନ ଏବଂ ପ୍ରସାଦ ସେବନ ହେବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ମିଳିଛି। ଏହି କାର୍ଯ୍ୟକ୍ରମକୁ ଗ୍ରାମବାସୀ ପରିଚାଳନା କରୁଛନ୍ତି।

## ଛାତ୍ରଛାତ୍ରୀଙ୍କୁ ଗଣ ପୋଷାକ ବଣ୍ଟନ

**ଧରାକୋଟ, ୩।୯(ସମିସ):** ଧରାକୋଟ ବ୍ଲକର ମୁଣ୍ଡମରାଇ କ୍ଲଷ୍ଟର ଅଧିନସ୍ଥ ଗଡ଼ଦାମୋଦରଲି ନୂତନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମ ଶ୍ରେଣୀ ଠାରୁ ଅଷ୍ଟମ ଶ୍ରେଣୀ ଯାଏଁ ମୋଟ ୧୪୧ ଜଣ ଛାତ୍ରଛାତ୍ରୀଙ୍କୁ ଦୁଇ ହଳ ଲେଖାଏଁ ଗଣପୋଷାକ ବିତରଣ କରାଯାଇଛି। ଏନେଇ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ ବେହେରା ସଭାପତିତ୍ୱ କରିଥିଲାବେଳେ ଅତିଥି ଭାବରେ ଏସଏମସି ସଭାପତି ଦିଲୀପ ଗୌଡ଼, ସଭ୍ୟ ନାରସୁ ଗୌଡ଼ ଉପସ୍ଥିତ ରହିଥିଲେ। ଶିକ୍ଷକ ନିରଞ୍ଜନ ପଟ୍ଟନାୟକ, ଶିକ୍ଷୟତ୍ରୀ ଦୀପ୍ତି ନାୟକ, ନମିତା ଦାସ ପ୍ରମୁଖ ସହଯୋଗ କରିଥିଲେ। ଧରାକୋଟ ମା'କୋଠାରୀ ସ୍ୱୟଂ ସହାୟକ ଗୋଷ୍ଠୀ ତରଫରୁ ସରକାରଙ୍କ ସହ ଚୁକ୍ତିନାମା କରି ଛାତ୍ରଛାତ୍ରୀଙ୍କୁ ପୋଷାକ ଯୋଗାଇ ଦିଆଯାଇଥିଲା।

## ଗୋପିନାଥ ମନ୍ଦିରରେ ବିଶ୍ୱଶାନ୍ତି ମହାଯଜ୍ଞ

**ପୁରୁଷୋତ୍ତମପୁର, ୩।୯(ସମିସ):** ପୁରୁଷୋତ୍ତମପୁର ବ୍ଲକର ହିଙ୍ଗୁଳା ଗୋପୀନାଥ ମନ୍ଦିରରେ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ପ୍ରତିବର୍ଷ ଭାଦ୍ରବ ମାସ ଶୁକ୍ଳପକ୍ଷ ଶେଷ ମଙ୍ଗଳବାର ଦିନରେ ଏହି ମହାଯଜ୍ଞ ଆୟୋଜିତ ହେଉଛି। ଏହି



ଯଜ୍ଞରେ ପୁରୋହିତ କାହ୍ନା ଦାଶ ରାମ ଦାଶ ଓ ନରସିଂହଙ୍କ ନେତୃତ୍ୱରେ ମୋଟ ୧୪ ଜଣ ପୁରୋହିତଙ୍କୁ ନେଇ ମହାଯଜ୍ଞ ଅନୁଷ୍ଠିତ ହୋଇଥିଲା। ମଙ୍ଗଳବାର ସକାଳ ୭ଟାରୁ ମହାଯଜ୍ଞ ଆରମ୍ଭ ହୋଇଥିବା ବେଳେ ରାତି ୭ଟା ପର୍ଯ୍ୟନ୍ତ ଚାଲୁ ରହିବ। ଯଜ୍ଞ ଶେଷ ହେବା ପରେ ଗ୍ରାମବାସୀ ଓ ପୂଜକ ମାନେ ପଣାପାଣି ନେଇ ଗ୍ରାମ ଦେବୀଙ୍କ ନିକଟରେ ଅର୍ପଣ କରିଥାନ୍ତି। ମହାଯଜ୍ଞକୁ ଦେଖିବା ନିମନ୍ତେ ଆଖପାଖ ଗାଁର ଲୋକଙ୍କ ଭିଡ଼ ଜମିଥିଲା। ବାଜା ବାଜଣା ସହ ବେଶ ଆଡ଼ମ୍ବର ସହକାରେ ମହାଯଜ୍ଞ ପାଳିତ ହୋଇଥିଲା।

ରାଜ୍ୟରେ ସରକାରୀ ପ୍ରାରମ୍ଭିକ ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନର ବିକଳ ଚିତ୍ର

# ଶିକ୍ଷକ ତିଆରି ଅନୁଷ୍ଠାନରେ ନାହାନ୍ତି ଶିକ୍ଷକ; ଗୁଣାତ୍ମକ ଶିକ୍ଷା ଦେବ କିଏ?

ବ୍ରହ୍ମପୁର, ୩।୯(ସମିସ)

ରାଜ୍ୟରେ ଲାଗୁ ହୋଇସାରିଛି ଜାତୀୟ ଶିକ୍ଷାନୀତି-୨୦୨୦। ଏହି ନୂତନ ଶିକ୍ଷାନୀତି ଅନୁଯାୟୀ ବିଭିନ୍ନ ମାନଦଣ୍ଡ ରହିଛି। ଯୋଗ୍ୟତା ଭିତ୍ତିକ ତଥା ଛାତ୍ରଛାତ୍ରୀଙ୍କ ଅନୁପାତରେ ଶିକ୍ଷକଙ୍କ ନିଯୁକ୍ତିକୁ ପ୍ରାଥମିକତା ଦିଆଯାଇ ଗୁଣାତ୍ମକ ଶିକ୍ଷାଦାନ ଉପରେ ଗୁରୁତ୍ୱ ଦିଆଯାଇଛି। ତେବେ ରାଜ୍ୟରେ ଏହି ନୂତନ ଶିକ୍ଷାନୀତିକୁ କେବଳ ନାମକୁମାତ୍ର କାର୍ଯ୍ୟକାରୀ କରାଯାଇଥିବା ଭଳି ମନେ ହେଉଛି। କାରଣ ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ଦୂରେ ଥାଉ ବିଦ୍ୟାଳୟ ଗୁଡିକରେ ନିୟୋଜିତ ହେବାକୁ ଥିବା ଶିକ୍ଷକମାନଙ୍କୁ ପ୍ରସ୍ତୁତ କରୁଥିବା ପ୍ରତିଷ୍ଠାନର ସ୍ଥିତିକୁ ଦେଖିଲେ ରାଜ୍ୟରେ ଏହି ଶିକ୍ଷାନୀତି କିଭଳି କାର୍ଯ୍ୟ କରୁଛି ତାହା ଜଳଜଳ ହୋଇ ଦେଖାଯାଉଛି। ପଦାରେ ପଡ଼ିଛି ସରକାରୀ ପ୍ରାରମ୍ଭିକ ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନର ବିକଳ ଚିତ୍ର। ସମଗ୍ର ରାଜ୍ୟରେ ପ୍ରତ୍ୟେକ ଜିଲ୍ଲାରେ ଗୋଟିଏ ଲେଖାଏଁ 'ଡାଏଟ' ବା ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଏବଂ ବିଭିନ୍ନ ଜିଲ୍ଲାରେ 'ଇଟିଇଆଇ' ବା ସରକାରୀ ପ୍ରାରମ୍ଭିକ ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନ ରହିଛି। ରାଜ୍ୟରେ ଏଭଳି ପ୍ରତିଷ୍ଠାନର ସଂଖ୍ୟା ପ୍ରାୟ ୬୫। ଏଥିପାଇଁ ପ୍ରାୟ ୩୮୪ଜଣ ଶିକ୍ଷକଙ୍କ ପାଇଁ ପଦବୀ




ସୃଷ୍ଟି ହୋଇଥିବା ବେଳେ ସମଗ୍ର ରାଜ୍ୟରେ ଉଭୟ ସରକାରୀ ଶିକ୍ଷକ ପ୍ରଶିକ୍ଷଣ କେନ୍ଦ୍ର ନାହିଁ ନାହିଁରେ ଚାଲିଥିବା କହିଲେ ଅତ୍ୟୁକ୍ତି ହେବ ନାହିଁ। ଇଟିଇଆଇ ବା ସରକାରୀ ପ୍ରାରମ୍ଭିକ ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନର ଅବସ୍ଥା ନକହିବା ଭଲ। ବହୁ ସ୍ଥାନରେ ଶିକ୍ଷକଙ୍କ ଘୋର ଅଭାବ ରହିଥିବା ବେଳେ କୋଠା ଓ ଛାତ୍ରଛାତ୍ରୀଙ୍କ ହଷ୍ଟେଲର ବ୍ୟବସ୍ଥା ମଧ୍ୟ ନଥିବା ଜଣାପଡ଼ିଛି। ଫଳରେ ଦୂରଦୂରାନ୍ତରୁ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀଙ୍କୁ ବାହାରେ ଭଡାଘରେ ରହି ନାହିଁ ନଥିବା ଖର୍ଚ୍ଚାନ୍ତ ହେବାକୁ ପଡୁଛି। ସେହିଭଳି ଶିକ୍ଷକ ପ୍ରସ୍ତୁତ କରୁଥିବା ଏଭଳି ସରକାରୀ ପ୍ରତିଷ୍ଠାନରେ ଖୋଦ୍ ଶିକ୍ଷକଙ୍କ ଘୋର ଅଭାବ ଥିବା ବେଳେ ଏମାନଙ୍କୁ କିଏ କିଭଳି ଶିକ୍ଷାଦାନ କରୁଛନ୍ତି ଓ ସେମାନଙ୍କ ଠାରୁ ବିଦ୍ୟାଳୟ ଗୁଡିକରେ କିଭଳି ଗୁଣାତ୍ମକ ଶିକ୍ଷା ଆଶା କରିବା ବୋଲି ସାଧାରଣରେ ପ୍ରଶ୍ନ ଉଠିଛି। ଭାତ ହାଣ୍ଡିରୁ ଗୋଟିଏ ଚାଉଳ ଚିପିବା ଭଳି ଯଦି ଗଞ୍ଜାମ ଜିଲ୍ଲାର ଚିତ୍ରକୁ ଉଦାହରଣକୁ ନିଆଯାଏ ତେବେ ସମଗ୍ର ରାଜ୍ୟର ଚିତ୍ର ସ୍ପଷ୍ଟ ଜଣାପଡ଼ିଯିବ। ଗଞ୍ଜାମ ଜିଲ୍ଲାରେ ସରକାରୀ ପ୍ରାରମ୍ଭିକ ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନ ବା 'ଇଟିଇଆଇ' ମୋଟ ୪ଟି ଯଥା ବ୍ରହ୍ମପୁର, ପୋଲସରା, ଚିକିଟି ଓ ଭଞ୍ଜନଗର ଠାରେ ରହିଛି। ପ୍ରତ୍ୟେକ କେନ୍ଦ୍ରରେ ୨ଶହ ଜଣ ଲେଖାଏଁ ଛାତ୍ର-ଛାତ୍ରୀ ଅଧ୍ୟୟନ କରୁଛନ୍ତି। ବ୍ରହ୍ମପୁର ସ୍ଥିତ ଗିରିରୋଡ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଚାଲିଥିବା ଏହି ପ୍ରତିଷ୍ଠାନରେ ୨ଶହ ଜଣ ଛାତ୍ରୀ ପ୍ରତିବର୍ଷ ତାଲିମ ନେଉଛନ୍ତି। ହେଲେ ବିଡମ୍ବନାର ବିଷୟ ହେଲା ଏଠାରେ ଛାତ୍ରୀ ନିବାସର ବ୍ୟବସ୍ଥା ନାହିଁ। ସେପଟେ ପ୍ରତିଷ୍ଠାନର କୋଠାରେ ଚାଲିଛି ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ। ଏଠାରେ ସରକାରୀ ଅନୁମୋଦିତ ଶିକ୍ଷକ ସଂଖ୍ୟା ୧୬ଥିବା ବେଳେ ବର୍ତ୍ତମାନ ଅଧକ୍ଷାଙ୍କୁ ମିଶାଇ ଅଛନ୍ତି ମାତ୍ର ଦୁଇଜଣ। ସେହିଭଳି ଚିକିଟି ସ୍ଥିତ ସରକାରୀ ପ୍ରାରମ୍ଭିକ ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନରେ ଉଭୟ ତେଲୁଗୁ ଓ ଓଡିଆ ମାଧମରେ ତାଲିମ ଦିଆଯାଉଛି।

● ଜାତୀୟ ଶିକ୍ଷାନୀତି-୨୦୨୦ର ଓଡ଼ିଶାରେ ହେଉଛି ଖୋଲାଖୋଲି ଉଲ୍ଲଂଘନ

● ଗଞ୍ଜାମର ୪ଟି ପ୍ରତିଷ୍ଠାନରେ ୫୫ ଜଣଙ୍କ ସ୍ଥାନରେ ଅଛନ୍ତି ମାତ୍ର ୪ ଶିକ୍ଷକ

ଏଠାରେ ସରକାରୀ ଅନୁମୋଦିତ ଶିକ୍ଷକଙ୍କ ସଂଖ୍ୟା ୧୬ଥିବା ବେଳେ ଅଛନ୍ତି ମାତ୍ର ଜଣେ। ଏଠାରେ ନିୟୋଜିତ ତଥା କାର୍ଯ୍ୟରତ ଶିକ୍ଷକ ଜଣକ ମଧ୍ୟ ସ୍ଥାୟୀ ନୁହଁନ୍ତି। ସେହିଭଳି ପୋଲସରା କେନ୍ଦ୍ରର ଅନୁମୋଦିତ ଶିକ୍ଷକ ସଂଖ୍ୟା ୧୧ ଥିବାବେଳେ ଏଠାରେ ଜଣେ ମଧ୍ୟ ଶିକ୍ଷକ ନଥିବା ଜଣାପଡ଼ିଛି। ଅନୁରୂପ ଭାବେ ଭଞ୍ଜନଗର ସ୍ଥିତ ପ୍ରତିଷ୍ଠାନରେ ଅନୁମୋଦିତ ଶିକ୍ଷକ ସଂଖ୍ୟା ୧୨ଜଣଙ୍କ ସ୍ଥାନରେ ଅଛନ୍ତି ଜଣେ ମାତ୍ର ରେଗୁଲାର ଶିକ୍ଷକ। ଏ ସମସ୍ତ ପ୍ରତିଷ୍ଠାନ ରାଜ୍ୟ ସରକାରଙ୍କ ଗଣଶିକ୍ଷା ବିଭାଗ ଓ ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଦ୍ୱାରା ପରିଚାଳିତ ହେଉଥିବା ଜଣାପଡ଼ିଛି। ରାଜ୍ୟର ସମସ୍ତ ସରକାରୀ ପ୍ରାରମ୍ଭିକ ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନର ଶିକ୍ଷକଙ୍କ ଅଭାବକୁ ଦେଖିବା ପରେ ବିଦ୍ୟାଳୟ ସ୍ତରରେ ପିଲାଙ୍କୁ ଗୁଣାତ୍ମକ ଶିକ୍ଷା ଆଶା ରଖିବା ଭୁଲ ହେବ। ଉଭୟ ପ୍ରତିଷ୍ଠାନରେ ଶିକ୍ଷକଙ୍କ ଘୋର ଅଭାବ ଥିବାବେଳେ ପ୍ରାରମ୍ଭିକ ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନର ଶିକ୍ଷକ ଅଭାବ ଦୂର କରିବାକୁ ଯାଇ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନରୁ ଶିକ୍ଷକଙ୍କୁ ଡେପୁଟେସନରେ ପଠାଯାଉଥିବା ଦେଖିବାକୁ ମିଳିଛି। ଫଳରେ ଉଭୟ ପ୍ରତିଷ୍ଠାନରେ ଶିକ୍ଷାଦାନ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏନେଇ ରାଜ୍ୟ ଗଣଶିକ୍ଷା ବିଭାଗ ଓ ଶିକ୍ଷକ ଶିକ୍ଷା ନିର୍ଦ୍ଦେଶକଙ୍କ ସହ ଯୋଗାଯୋଗ କରାଯାଇଥିବା ବେଳେ ଶିକ୍ଷକ ଅଭାବ ପୂରଣ କରିବା ନେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଛି। ଖୁବ୍‌ଶୀଘ୍ର ସମସ୍ୟାର ସମାଧାନ ହେବ ବୋଲି ସେ ସୂଚନା ଦେଇଛନ୍ତି।

## ୧୦୮ ଆଳତି ସହ ଅଗ୍ରପୂଜ୍ୟଙ୍କୁ ବିଦାୟ

**ବେଲଗୁଣ୍ଠା, ୩।୯(ସମିସ):** ମଙ୍ଗଳବାର ସନ୍ଧ୍ୟାରେ ବେଲଗୁଣ୍ଠା ଏବଂ ଆଖାପାଖ ଅଞ୍ଚଳର ୧୧ଟି ବଡ଼ ଗଣେଶ ମୂର୍ତ୍ତୀ ଏକକାଳୀନ ବିସର୍ଜନ କରାଯାଇଛି। ସମସ୍ତ ମେଢ଼ ବଡ଼ଦାଣ୍ଡରେ ପହଞ୍ଚିବା ପରେ ବେଲଗୁଣ୍ଠା ତହସିଲଦାର ତଥା ବିଡ଼ିଓ କଳାକୃଷ୍ଣ ପ୍ରଧାନ ମୁଖ୍ୟ ଅତିଥି ଭାବେ ୧୦୮ ଆଳତୀରେ ଯୋଗ ଦେଇଥିଲେ। ନଅ ଘଣ୍ଟାରେ ସମସ୍ତ କାର୍ଯ୍ୟକ୍ରମ ସମାପ୍ତ ହୋଇଥିଲା। ଏଥିରେ ତହସିଲଦାର କଳାକୃଷ୍ଣ ପ୍ରଧାନ, ଭଞ୍ଜନଗର ଥାନା ଅଧିକାରୀ ଜୀବନାନନ୍ଦ ଜେନା, ବେଲଗୁଣ୍ଠା ଥାନା ଏସ୍‌ଆଇ ଅଭୟ କୁମାର ପ୍ରଧାନଙ୍କ ସମେତ ଗୋଟିଏ ସେକ୍ସନ୍ ପୁଲିସ୍ ମୁତୟନ ହୋଇଥିଲେ।



କାର୍ଯ୍ୟକ୍ରମକୁ ବେଲଗୁଣ୍ଠା ପ୍ରେସ୍ କ୍ଲବ ଏବଂ ଏନ୍‌ଏସି ତରଫରୁ ପରିଚାଳନା କରାଯାଇଥିବା ବେଳେ ବେଲଗୁଣ୍ଠା ନଗରପାଳ ଫିରୋଜ କୁମାର ସେଠି, କାଉନସିଲର ଏସ୍ ଭାସ୍କର ପାତ୍ର, ପ୍ରେସ୍ କ୍ଲବ ସଭାପତି ପ୍ରଦ୍ୟୁମ୍ନ ପାତ୍ର, ଉପସଭାପତି ପ୍ରଭାତ ସାହୁ, ସାମ୍ବାଦିକ ଶିବରାମ ଚୌଧୁରୀ, ତୋଫାନ ସାହୁ, ସଦାଶିବ ପାଣିଗ୍ରାହୀ, ନାରାୟଣ ପଣ୍ଡା, ମନୋଜ ପାତ୍ର, ସୁରେଶ ସୁବୁଦ୍ଧି, ପଞ୍ଚାନନ ନାୟକ, ପଞ୍ଚାନନ ସାହୁ ଙ୍କ ସମେତ ବହୁ କାଉନସିଲର୍ ସହଯୋଗ କରିଥିଲେ।

## 'ଜନମ ନେଇଛି କାନ୍ଦିବା ପାଇଁ'ମଞ୍ଚସ୍ଥ



**କୋଦଳା, ୩।୯(ସମିସ):** ଗଣେଷ ପୂଜା ଅବସରରେ ବେଗୁନିଆପଡ଼ା ବ୍ଲକ ଅନ୍ତର୍ଗତ ଅଙ୍ଗାରଗାଁ ପଞ୍ଚାୟତ ନୂଆଗଡ଼ ଗ୍ରାମରେ ମା'ପାଦୁକେଇ ଯୁବ ନାଟ୍ୟ ସଂସଦର କଳାକାର ମାନଙ୍କ ଦ୍ୱାରା 'ଜନମ ନେଇଛି କାନ୍ଦିବା ପାଇଁ' ନାଟକ ମଞ୍ଚସ୍ଥ ହୋଇଯାଇଛି। ନାଟକକୁ ବିଜେପି ନେତା ଚିତ୍ରସେନ ପରିଡ଼ା ଉଦଘାଟନ କରିଥିବା ବେଳେ ସରପଞ୍ଚ ନୀଳେନ୍ଦ୍ରି ସେଠୀ ମୁଖ୍ୟ ଅତିଥି, ପୂର୍ବତନ ସରପଞ୍ଚ ସତ୍ୟନାରାୟଣ ସାହୁ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ସମ୍ମାନୀତ ଅତିଥି ଭାବେ ସରପଞ୍ଚ ମୁକୁନ୍ଦ ମାଧବ ସ୍ୱାଇଁ, ପୂର୍ବତନ ସରପଞ୍ଚ ସରୋଜ କୁମାର ସାହୁ, ସମିତିସଭ୍ୟ ଅଶୋକ ସେଠୀ, ସମିତିସଭ୍ୟ ପ୍ରତିନିଧି ରମେଶ ପଲେଇ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଭ୍ରମରବର ଭୂୟାଁ, ରାଜ୍ୟପାଳ ପୁରସ୍କାରପ୍ରାପ୍ତ ବିଜ୍ଞାନ ଶିକ୍ଷକ ପ୍ରସନ୍ନ କୁମାର ନାୟକ, ଶିକ୍ଷାବିତ୍ ଦେବେନ୍ଦ୍ର ମହାରଣା, ଶିକ୍ଷକ ବିଭୂତି ପ୍ରଧାନ, ଗ୍ରାମ୍ୟ କମିଟି ସମ୍ପାଦକ ଅଭିମନ୍ୟୁ ଭୂୟାଁ, ପୂର୍ଣ୍ଣଚନ୍ଦ୍ର ସେଠୀ, ନାଟ୍ୟ ନିର୍ଦ୍ଦେଶକ କେଦାର ସାହୁ, ମୁନା ପଣ୍ଡା, ନିବାସୀ ସାରେ, ପିତବାସ ଭୂୟାଁ, ସନ୍ତୋଷ ପ୍ରଧାନ, ଅଭିମନ୍ୟୁ ମହାପାତ୍ର, ବିଜେପି ଯୁବ ନେତା ଶୁଶାନ୍ତ କୁମାର ସ୍ୱାଇଁ, ସମାଜସେବୀ ପ୍ରଶାନ୍ତ କୁମାର ପାତ୍ର ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ପ୍ରମୋଦ କୁମାର ଦାଶ, ପବନା କୁମାର ପଲେଇ ନିର୍ଦ୍ଦେଶନା ଦେଇଥିଲେ। ବସନ୍ତ କୁମାର ଭୂୟାଁ ଧନ୍ୟବାଦ ଅର୍ପଣ କରିଥିବା ବେଳେ ରବୀନ୍ଦ୍ର ସେଠୀ ମଞ୍ଚ ପରିଚାଳନା କରିଥିଲେ।

## ଗଣେଶ ପୂଜା କମିଟିର ସାଂସ୍କୃତିକ କାର୍ଯ୍ୟକ୍ରମ

**ଦିଗପହଣ୍ଡି, ୩।୯ (ସମିସ):** ଦିଗପହଣ୍ଡି ବଜାର ସାହି ଗଣେଶ ପୂଜା କମିଟି ପକ୍ଷରୁ ସୋମବାର ବିଳମ୍ବିତ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ସୁରତରଙ୍ଗ ମେଲୋଡି ନାଇଟ ଆୟୋଜିତ ହୋଇଯାଇଛି। ଏହାକୁ ଦିଗପହଣ୍ଡି ଏନ୍‌ଏସି ଅଧ୍ୟକ୍ଷ ପ୍ରଫୁଲ୍ଲ ପଣ୍ଡା ଉଦଘାଟନ କରିଥିବା ବେଳେ ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଅବିନାଶ ମିଶ୍ର, ଓକିଲ ସଂଘର ପ୍ରାକ୍ତନ ସଭାପତି ହରପ୍ରସାଦ ରଥ, କାଉନସିଲର ଦୀପକ କୁମାର ମିଶ୍ର, ନୀଳମାଧବ



ଗୌଡ଼, ଉପାଧକ୍ଷା ପ୍ରତିନିଧି କେ. କୁନା, ପୂଜା କମିଟି କାର୍ଯ୍ୟକର୍ତ୍ତା ବିଚିତ୍ରାନନ୍ଦ ପଟ୍ଟନାୟକ, ସାମାଜିକ କର୍ମୀ ଶିବ ଶଙ୍କର ମହାଙ୍କୁଡ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଶିଷ୍ଟ ସମ୍ବଲପୁରୀ କଣ୍ଠଶିଳ୍ପୀ ରୁକୁ ସୁନା ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିବା ସହ ତାଙ୍କର ସଙ୍ଗୀତର ତାଳେ ତାଳେ ଦର୍ଶକ ବିଭୋର ହୋଇଥିବା ଦେଖାଯାଇଥିଲା। ପୂଜା କମିଟିର ସକ୍ରିୟ ସଦସ୍ୟ ପ୍ରଭାକର ରେଡ୍ଡୀଙ୍କ ଅକାଳ ବିୟୋଗରେ ସ୍ମୃତି ସମ୍ମାନ ସ୍ୱରୂପ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। କମିଟି ସଦସ୍ୟ ଆଶିଷ ପଟ୍ଟନାୟକ, ରବୀନ୍ଦ୍ର ମାର୍ଥା, ନୀଳମାଧବ ମହାପାତ୍ର, ଲଲାଟେନ୍ଦୁ ପଧାନ, ରଞ୍ଜିତ ବେହେରା, ପ୍ରଦୀପ କୁମାର ପଣ୍ଡା, ନିଗମ ପ୍ରସାଦ ପଣ୍ଡା, ଓଡି. ମହେଶ, କୁନା ପାତ୍ର, ଦେବେନ୍ଦ୍ର ଗୌଡ଼, ଅରବିନ୍ଦ ରାଜୁ, ଅଶୋକ ନନ୍ଦ, ନରେନ୍ଦ୍ର ସାହୁ, ବାରିକ ବେହେରା, ବାବୁ ଦାଶ ପ୍ରମୁଖ ସହଯୋଗ କରିଥିଲେ।

## ସାର କଳାବଜାର ବନ୍ଦ ଦାବିରେ ସ୍ମାରକପତ୍ର

**ଗଞ୍ଜାମ, ୩।୯ (ସମିସ):** ଅଖିଳ ଭାରତ କୃଷକ ସଭା ଅନୁବନ୍ଧିତ ଓଡ଼ିଶା କୃଷକ ସଭା ପକ୍ଷରୁ ଗଂଜାମ ତହସିଲଦାରଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଧାନ ରୁଆ ବେଉଷା ଚାଲିଥିବା ବେଳେସାର ମିଳୁନାହିଁ ୟୁରିଆ ସାର ବସ୍ତା ପ୍ରତି ୭୦୦ ଟଙ୍କାରେ କିଣୁଛନ୍ତି ଚାଷୀ। ଡିଲରମାନେ କଳାବଜାର କରୁଛନ୍ତି। ଯାହାଫଳରେ ଚାଷୀ ଅଧିକ ମୂଲ୍ୟରେ ସହର ବଜାର ଯାଇ କିଣି ଆଣିବାକୁ ପଡୁଛି। ସମବାୟ ସମିତିକୁ କମ୍ ସାର ଯୋଗାଣ ହେବାରୁ ସମସ୍ତ ଚାଷୀଙ୍କୁ ଆବଶ୍ୟକ ଅନୁଯାଇ ସାର ମିଳୁ ପାରୁନହିଁ। ଏଣୁ ସମବାୟସମିତିକୁ ପର୍ଯ୍ୟାପ୍ତ ପରିମାଣରେ ସାର ଯୋଗାଣ କରିବା ସମସ୍ତ ସାର ଦୋକାନରେ କେତେ ସାର ଆସିଛି। କେତେ ସାର ବିକ୍ରି ହୋଇଛି ତାର ତାଲିକା ବ୍ଲକ ପଞ୍ଚାୟତ, କୃଷି କାର୍ଯ୍ୟାଳୟ ମାନଙ୍କରେ ଲଟକାଇବା ଓ କଳାବଜାର କରୁଥିବା ଅସାଧୁ ବ୍ୟବସାୟୀଙ୍କୁ ଗିରଫ କରି ଉପଯୁକ୍ତ ଦଣ୍ଡ ଦେବା ଦାବି ନେଇ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ପ୍ରତିନିଧି ଦଳରେ ଓଡ଼ିଶା କୃଷକ ସଭାର ଜିଲ୍ଲା ସଭାପତି ପି. ହରିକୃଷ୍ଣ ରେଡ୍ଡୀ, ଯୋଗେଶ ଚନ୍ଦ୍ର ସାହୁ, ସରପଞ୍ଚ ବୈରାଗୀ ବେହେରା, ବ୍ଲକ ସଭାପତି ଧର୍ମରାଜ ସ୍ୱାଇଁ, ପଦ୍ମନାଭ ପ୍ରଧାନ, ସୁଶୀଳ ପ୍ରଧାନ, ଦୁର୍ଯ୍ୟୋଧନ ସ୍ୱାଇଁ, ପ୍ରଭାକର ବେହେରା ପ୍ରମୁଖ ଯୋଗ ଦେଇଥିଲେ।

## ଏନ୍‌ଏସି ଘୋଷଣା ଦାବିରେ ଶନିବାର ଶେରଗଡ଼ ବନ୍ଦ

**ଶେରଗଡ଼, ୩।୯(ସମିସ):** ଶେରଗଡ଼କୁ ବିଜ୍ଞାପିତ ଅଞ୍ଚଳ ଘୋଷଣା କରାନଯିବା ପ୍ରତିବାଦରେ ଅଞ୍ଚଳର ବହୁ ସଙ୍ଗଠନ ଓ ସମସ୍ତ ରାଜନୈତିକ ଦଳର ନେତୃବୃନ୍ଦ ଏକଜୁଟ ହୋଇଛନ୍ତି। ମଙ୍ଗଳବାର ଏନେଇ ଏକ ବୈଠକ କରାଯିବା ସହ ୫ତାରିଖ ଅର୍ଥାତ ଶୁକ୍ରବାର ବନ୍ଦ ନିଷ୍ପତ୍ତି ହୋଇଥିଲା। ତେବେ ସେହିଦିନ ମହମ୍ମଦ ଜୟନ୍ତୀ ଛୁଟିଦିନ ଥିବାରୁ ପରଦିନ ଅର୍ଥାତ ଶନିବାର ବନ୍ଦ ପାଳନ ନିଷ୍ପତ୍ତି ହୋଇଛି। ଦାବି ପୂରଣ ଯାଏ ଆନ୍ଦୋଳନ ଜାରି ରଖିବା ଲାଗି ସମସ୍ତେ ନିଷ୍ପତ୍ତି ନେଇଛନ୍ତି। ପ୍ରଥମ ପଦକ୍ଷେପ ସ୍ୱରୂପ ଆସନ୍ତା ଶନିବାର ୬ ତାରିଖ ଦିନ ସକାଳ ଠାରୁ ବଜାର ବନ୍ଦ ରଖିବା ଲାଗି ନିଷ୍ପତ୍ତି ନିଆଯିବା ସହିତ ପ୍ରଶାସନକୁ ଅବଗତ କରାଯାଇଛି। ଏହି ସମୟ ମଧ୍ୟରେ ବ୍ଲକ, ତହସିଲ ଏବଂ ପ୍ରସ୍ତାବିତ ବିଜ୍ଞାପିତ ଅଞ୍ଚଳ ପରିଧି ମଧ୍ୟରେ ଆସୁଥିବା ସମସ୍ତ ସ୍କୁଲ, କଲେଜ ସମେତ ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନ ବନ୍ଦ ରଖିବାକୁ ନିଷ୍ପତ୍ତି ନିଆଯାଇଛି। ବନ୍ଦକୁ ସହରର ସମସ୍ତ ବୁଦ୍ଧିଜୀବୀ ଓକିଲ ସଂଘ, ଶେରଗଡ଼ର ସମସ୍ତ ସାମ୍ବାଦିକ ସଙ୍ଗଠନ, ଶେରଗଡ଼ ବଜାରର ବଣିକ ସଂଘ, ବଜରଙ୍ଗୀ ସଂଘ, ଶାନ୍ତି ସୁରକ୍ଷା ସଂଘ, ପରିବା ବ୍ୟବସାୟୀ ସଂଘ, ଦକ୍ଷିଣକାଳୀ ବ୍ୟବସାୟୀ ସଂଘ, ପଟ୍ଟା ରିକ୍ସା ସଂଘ, ଅଟୋ ଚାଳକ ସଂଘ ସମର୍ଥନ ଜଣାଇଛନ୍ତି। ବଜାର ବନ୍ଦ ସମ୍ପର୍କରେ ସୂଚନା ଓ ସଚେତନତା ଲାଗି ଗୁରୁବାର ଏବଂ ଶୁକ୍ରବାର ଡାକବାଜି ଯନ୍ତ୍ର ସାହାଯ୍ୟରେ ଆଖପାଖ ଅଞ୍ଚଳର ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ପ୍ରଚାର କରିବା ସହିତ ସଚେତନ କରାଯିବ।

# ସାଗର କବଚ-୨ ସମରାଭ୍ୟାସ

ଛତ୍ରପୁର, ୩।୯(ସମିସ)

ଗଞ୍ଜାମ ପୁଲିସ ଜିଲ୍ଲା ପକ୍ଷରୁ ସମୁଦ୍ର ତଟ ସୁରକ୍ଷା ନେଇ ଦୁଇ ଦିନିଆ ସାଗର କବଚ ସମରାଭ୍ୟାସ ଚାଲିଛି। ସମୁଦ୍ର ନିକଟ ଥାନା ଆର୍ଯ୍ୟପଲ୍ଲୀ, ଗଞ୍ଜାମ, ଛତ୍ରପୁର, ରମ୍ଭା, ଚମାଖଣ୍ଡି ପୁଲିସ ପକ୍ଷରୁ ଏହି ସମରାଭ୍ୟାସ କରାଯାଉଛି। ସୂଚନା ଥାଉକି ଗତ ୨୬ ନଭେମ୍ବର ୨୦୦୮ ରେ ପାକିସ୍ତାନ ଆତଙ୍କବାଦୀ ଜଳପଥ ଦେଇ ମୁମ୍ବାଇ ଆସି ଆକ୍ରମଣ କରିଥିଲେ। ଏହାପରେ କେନ୍ଦ୍ର ସରକାର ଓ ରାଜ୍ୟ ସରକାର ପକ୍ଷରୁ ପ୍ରତ୍ୟେକ ବର୍ଷ ଦୁଇଥର ସମରାଭ୍ୟାସ କରାଯାଉଛି। ଗଞ୍ଜାମ ପୁଲିସ ଜିଲ୍ଲା ଅଧିନ ଆର୍ଯ୍ୟପଲ୍ଲୀ ମେରାଇନ ଥାନା ଅଧିନରେ ପ୍ରୟାଗୀଠାରୁ ହରିପୁର ପର୍ଯ୍ୟନ୍ତ ଦୀର୍ଘ ୪୦ କିମି ପର୍ଯ୍ୟନ୍ତ ପୁଲିସ ବାହିନୀ ପାଟ୍ରୋଲିଂ କରିଥାନ୍ତି। ଏହି ସମରାଭ୍ୟାସରେ ପୁଲିସ, ମତ୍ସ୍ୟ ବିଭାଗ, ଅଗ୍ନିଶମ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, କୋଷ୍ଟ ଗାର୍ଡ ସାମିଲ ହୋଇଥିଲେ। ପ୍ରତ୍ୟେକ ସ୍ଥାନରେ କଡ଼ାକଡ଼ି ଯାଞ୍ଚ କରାଯାଉଛି। ଜଳପଥରେ ପାଟ୍ରୋଲିଂ କରିବା ବେଳେ ଏକ ବୋଟ୍ ଯୋଗେ ୪ ଡମି ଆତଙ୍କବାଦୀ ଜଳପଥରେ ଯାଉଥିବା



ବେଳେ ଏହି ଟିମ୍ ସେମାନଙ୍କୁ ଧରିଥିଲା। ଏହି ସାଗର କବଚ-୨ କାର୍ଯ୍ୟକ୍ରମ ଗୁରୁବାର ଶେଷ ହେବ ବୋଲି ମେରାଇନ ଥାନା ଅଧିକାରୀ ବିଦ୍ୟାଭାରତୀ ନାୟକ କହିଥିଲେ। ବିଭିନ୍ନ ଛକ ମାନଙ୍କରେ ମଧ୍ୟ ପୁଲିସ ସମସ୍ତ ଗାଡ଼ି ଯାଞ୍ଚ କରୁଛି। ମତ୍ସ୍ୟଜୀବୀମାନଙ୍କୁ ମଧ୍ୟ ସଚେତନ କରାଯାଉଛି, କିଏ ଅଜଣା ବ୍ୟକ୍ତି ଆସିଲେ ପୁଲିସକୁ ଅଗବତ କରାଇବାକୁ କୁହାଯାଇଛି।

# ରାଜପଥକୁ ସଂକୁଚିତ କରୁଛି ଅନାବନା ଗଛ

**ରମ୍ଭା, ୩।୯(ସମିସ):** ୧୬ ନମ୍ବର ଜାତୀୟ ରାଜପଥ ଗଞ୍ଜାମ ଠାରୁ ରମ୍ଭା ବଡ଼ଘାଟି ପର୍ଯ୍ୟନ୍ତ ରାସ୍ତା ପାର୍ଶ୍ୱ ଅନାବନା ଗଛ ବଢ଼ି ରାସ୍ତା ସଂକୁଚିତ ହୋଇଥିବା ଲକ୍ଷ୍ୟ କରାଯାଇଛି। ଏହା ସାଙ୍ଗକୁ ଉଠା ଦୋକାନୀ, ଢ଼ାବା ହୋଟେଲ, ତଥା ଗରିବ ଗୁରୁବାଙ୍କ ଅସ୍ଥାୟୀ ଦୋକାନ ସ୍ଥାପନ ଯାନବାହାନ ଯାତାୟାତରେ ସମସ୍ୟା ସୃଷ୍ଟି କରୁଛି। ଗୋଟିଏ ପଟେ ପେଟ ପାଟଣା ପାଇଁ ଥଇଥାନ ହୋଇ ରୋଜଗାର ଚଳାଇଥିବା ବେଳେ ରାସ୍ତା ପାର୍ଶ୍ୱ ଅନାବନା ଗଛ ବୃଦ୍ଧି ଘଟି ବିଭିନ୍ନ ଜୀବଜନ୍ତୁ ସହ ସରୀସୃପ ମାନଙ୍କ କୋଣେ ଅଣୁକୋଣେ ଲୁଚାଛପା ଓ ଆଗମନକୁ ଅସ୍ୱିକାର କରାଯାଇନପାରେ? ଖାଲି ସେତିକି ନୁହେଁ ଦିବାରାତ୍ର ବିଭିନ୍ନ ପଦପଦାଧିକାରୀ ଓ ରାଜନୈତିକ ବ୍ୟକ୍ତି, ଜନ ପ୍ରତିନିଧି ସହିତ ହଜାର ହଜାର ଯାନବାହାନ ଯାତାୟାତ କରୁଛି। ଟ୍ରାଫିକ ସମସ୍ୟା ସଂକୁଚିତ ସହ ପାଟ୍ରୋଲିଂ କଡାକଡ଼ି କରାଯାଇ ରାହାଜାନି, ଡକାୟତ, ସହିତ ପାର୍ବଣ ଋତୁର ବିଭିନ୍ନ ମେଢ଼ ବିସର୍ଜନ କିଛି ଅଡୁଆ କରୁଛି। ତତ ସହିତ ରାସ୍ତା ପାର୍ଶ୍ୱସ୍ଥ ପ୍ରତିଷ୍ଠାନ, ଅନୁଷ୍ଠାନ, ଗ୍ୟାରେଜ, ପେଟ୍ରୋଲ ପମ୍ପ ରହିବା ଦ୍ୱାରା ଶହ ଶହ ମାଲବାହୀ ଟ୍ରକ ଅଟକି ରହି ରାସ୍ତା ଅବରୋଧ କରୁଥିବା ଦେଖାଦେଇଛି। ଏହି ଦହଗଞ୍ଜ ଭିତରେ ପାର୍ଶ୍ୱସ୍ଥ ଅନାବନା ଗଛକୁ ସଫାସୁତୁରା କରି ସଂକୀର୍ଣ୍ଣ ରାସ୍ତାକୁ



ପ୍ରଶସ୍ତି କରଣ କରାଗଲେ ବାଟୋଇ, ପଥଚାରି, ସ୍କୁଲ କଲେଜର ଛାତ୍ରଛାତ୍ରୀ ଉପକୃତ ହେବେ। ତେଣୁ ବିଭାଗୀୟ କର୍ତ୍ତୃପକ୍ଷ ଓ ପ୍ରଶାସନ ଦୃଷ୍ଟି ଦେବାପାଇଁ ସାଧାରଣରେ ଦାବି ହୋଇଛି।

